

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 SEPTEMBER 2023
Vol.No. 35 ■ No. 241■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଲଗା ହେଇଯିବେ କି ଲାଲୁ-ନୀତିଶ ?

## ଚର୍ଚ୍ଚା ବଢାଇଲା ପିକେଙ୍କ ବୟାନ

ନୂଆଦିଲ୍ଲୀ,୧୧/୦୯ : ବିହାର ରାଜନୀତିକୁ ନେଇ ପିକେଙ୍କ ବଡ ବୟାନ । ବିଶିଷ୍ଟ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ବିହାର ରାଜନୀତିକୁ ନେଇ ପୁଣି ଏକ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି, ଯାହାକି ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛନ୍ତି । ସେ କହିଛନ୍ତି, ଭବିଷ୍ୟତରେ ବିହାରର କେଉଁ ନେତା କେଉଁ ଦଳକୁ ଯିବା ତାହା କେହି ବି ଜାଣିନାହାଁନ୍ତି । ବିହାରରେ ଆଜି ଯାହା ରାଜନୈତିକ ବ୍ୟବସ୍ଥା ଅଛି, ଆଗାମୀ ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ବେଳକୁ ସେମିତି ଥିବ ବୋଲି କିଛି ଠିକ୍ ନାହିଁ କହିଛନ୍ତି ପ୍ରଶାନ୍ତ କିଶୋର । ବିହାର ରାଜନୀତିର ଦୁଇଟି ଭେଟେରାନ୍ ନେତା ଲାଲୁ ଏବଂ ନୀତିଶ ଏବେ ଏନଡିଏ ବିରୋଧୀ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଉଛନ୍ତି । ଏପରିକି ବିରୋଧୀମାନଙ୍କୁ ଏକଜୁଟ୍ କରିବାରେ ନୀତିଶ ହିଁ ସର୍ବପ୍ରଥମେ ସାମ୍ନାକୁ ଆସିଥିଲେ । ହେଲେ ଏବେ ପ୍ରଶାନ୍ତ କିଶୋରଙ୍କ ଏହି ବୟାନ ବିହାର ରାଜନୀତିକୁ ପୁଣିଥରେ ଚର୍ଚ୍ଚାକୁ ନେଇ ଆସିଛି । ତାଜା ବୟାନ ଦେଇ ପିକେ କହିଛନ୍ତି, ବିହାରରେ ଆଜି ଯାହା ରାଜନୈତିକ ବ୍ୟବସ୍ଥା ଅଛି, ତାହା ଆଗାମୀ ବିଧାନସଭା ନିର୍ବାଚନ କିମ୍ବା ଲୋକସଭା ନିର୍ବାଚନ ବେଳକୁ ନଥାଇପାରେ । ଭବିଷ୍ୟତରେ ବିହାରର କେଉଁ ନେତା କେଉଁ ଦଳକୁ ଯିବେ, ତାହା କେହି ବି କହିପାରିବେନି । ବର୍ତ୍ତମାନ ବିହାରରେ ୭ଟି ଦଳକୁ ନେଇ ମେଣ୍ଟ ରହିଛି, ହେଲେ ଆଗକୁ ସେମିତି ରହିବ ବୋଲି କିଛି ପକ୍କା ନୁହେଁ କହିଛନ୍ତି ପ୍ରଶାନ୍ତ କିଶୋର । ଉଦାହରଣ ଦେଇ ସେ କହିଛନ୍ତି, ୨୦୧୫ ମସିହାରେ ବିହାରରେ



ମହାମେଣ୍ଟ ଗଠନ ହେଇଥିଲା । ଯେଉଁଥିରେ କି ରାଷ୍ଟ୍ରୀୟ ଜନତା ଦଳ ଏବଂ ଜନତା ଦଳ ୟୁନାଇଟେଡ୍ ମିଶିକରି ନିର୍ବାଚନ ଲଢିଥିଲେ । ଫଳସ୍ୱରୂପ ବିଜେପି ବିହାରରେ ପରାଜୟ ଭୋଗିଥିଲା, ଆଉ ମହାମେଣ୍ଟ ବିଜୟ ହାସଲ କରିଥିଲା । ତେବେ ସେତେବେଳେ ବିହାରରେ ୩ଟି ଦଳକୁ ନେଇ ମେଣ୍ଟ ଗଠନ ହେଇଥିବାବେଳେ, ଏବେ ଏହା ୭ଟି ଦଳକୁ ନେଇ ହେଇଛି । ତେଣୁ ଭବିଷ୍ୟତରେ କେଉଁ ଦଳର କେମିତି ସ୍ଥିତି ରହିବ, ତାହା କହିବା ସମ୍ଭବ ନୁହେଁ ବୋଲି କହିଛନ୍ତି ପ୍ରଶାନ୍ତ କିଶୋର । ସୂଚନାଯୋଗ୍ୟ ଯେ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜି-୨୦ ସମ୍ମିଳନୀର ରାତ୍ରିଭୋଜନରେ ଯୋଗ ଦେବାକୁ ନେଇ ଗୋଟିଏ ପଟେ ରାଜନୀତି ଆରମ୍ଭ ହୋଇଛି । ବିରୋଧୀ ମେଣ୍ଟର ମୁଖ୍ୟମନ୍ତ୍ରୀ ମାନେ ଏହି ରାତ୍ରିଭୋଜନକୁ ଯାଇନଥିବା ବେଳେ, ମମତା ଏବଂ ନୀତିଶ ଏହି ରାତ୍ରିଭୋଜନରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ନୀତିଶଙ୍କ ସହ ଠିଆ ହେଇଥିବାର ଫଟୋ ମଧ ସେୟାର କରିଥିଲେ । ଯାହାକି ବିରୋଧୀଙ୍କ କଟା ଘା'ରେ ଚୂନ ଲଗାଇଥିଲା । ଆଉ ଏହାରି ଭିତରେ ପ୍ରଶାନ୍ତ କିଶୋରଙ୍କ ଏଭଳି ବୟାନ ରାଜନୈତିକ ଚର୍ଚ୍ଚା ଆରମ୍ଭ କରିଛି ।

## ୭୨ ଘଣ୍ଟାରେ ଲଘୁଚାପ: ତିନି ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ଆଜି ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ମିଆଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ହୋଇପାରେ । ସେହିପରି ଏହାର ପରବର୍ତ୍ତୀ ୩ ଦିନ ଧରି ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁସାରେ ଆସନ୍ତାକାଲି ସକାଳ ୮.୩୦ ସୁଦ୍ଧା କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ

▶▶ପୃଷ୍ଠା ୭

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ୩ ବର୍ଷ ଜେଲ୍

ଖୋର୍ଦ୍ଧା, ୧୧/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜଟଣୀର ବଡ଼ନୂଆଗାଁ ସ୍ଥିତ ୟୁଜିୟୁପି ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେବୀଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ହୋଇଛି । ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି । ୨୦୧୩ ମସିହାରେ ଲାଞ୍ଚ ନେଇ ଧରାପଡ଼ିଥିଲେ ବାସନ୍ତୀ ଦେବୀ । ତାଙ୍କ ନାଁରେ ସେତେବେଳେ ଭିଜିଲାନ୍ସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଥିବା ବେଳେ ୧୦ ବର୍ଷ ପରେ ଉଭୟ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଓ ଦଣ୍ଡ ପାଇଛନ୍ତି । ଗୋଟିଏ ମାମଲାରେ କୋର୍ଟ ତାଙ୍କୁ ୩ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଶୁଣାଇଥିବା ବେଳେ ୫୦୦୦ ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅର୍ଥ ପଇଠ ନକଲେ ସେ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବେ ବୋଲି କୋର୍ଟ କହିଛନ୍ତି । ସେହିପରି ଆଉ ଗୋଟିଏ ମାମଲାରେ କୋର୍ଟ ବାସନ୍ତୀ ଦେବୀଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେବା ସହିତ ୫୦୦୦ ଟଙ୍କା ଜୋରିମାନା ଦେବାକୁ କହିଛନ୍ତି । ଜୋରିମାନା ଅର୍ଥ ନଦେଲେ ତାଙ୍କୁ ଆଉ ୩ ମାସ ଜେଲ୍ ?ରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ଦଣ୍ଡାଦେଶକୁ ଏକ ସମୟରେ କାର୍ଯ୍ୟକାରୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ବାସନ୍ତୀ ଦେବୀଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଆବେଦନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଭିଜିଲାନ୍ସ । ସ୍କୁଲକୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଯୋଗାଇଥିବା ଏକ ସ୍ୱୟଂ ସହାୟକ ଗୋଷ୍ଠୀର ବିଲ୍ ପ୍ରସ୍ତୁତ କରି ତାକୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବା ପାଇଁ ବାସନ୍ତୀ ଦେବୀ ଲାଞ୍ଚ ମାଗିଥିଲେ । ଆଉ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ।


## ବାଲେଶ୍ୱରରେ ଗୁଳିମାଡ଼: ଗୁରୁତର ଅବସ୍ଥାରେ ଯୁବକଙ୍କୁ କଟକ ସ୍ଥାନାନ୍ତର




ବାଲେଶ୍ୱର, ୧୧/୦୯ (ନି.ପ୍ର): ଗୁଳିମାଡ଼ରେ ଗୁରୁତର ହେଲେ ଯୁବକ । ଗୁରୁତର ଅବସ୍ଥାରେ କଟକ ହେଲେ ସ୍ଥାନାନ୍ତର । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଶୋଭାରାମପୁରଠାରେ । ଗୁଳି ବାଜିଥିବା ଯୁବକଙ୍କ ବିନୋଦ ବେହେରା ବୋଲି ଜଣାପଡ଼ିଛି । ତେବେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲେ । ହେଲେ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୁଳି ମାରିଥିବା ଯୁବକ ଏବଂ ଗୁଳି ବାଜିଥିବା ଯୁବକ ଉଭୟ ବନ୍ଧୁ ବୋଲି ଜଣାପଡ଼ିଛି । ତେବେ ଉଭୟଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଗୁଳିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି । ପୋଲିସ୍ ମାମଲାରେ ତଦନ୍ତ ଆରମ୍ଭ କରିଛି ।

## ସାନଭାଇ ସପକ୍ଷରେ ବାହାରିଲେ ବଡ଼ଭାଇ: କହିଲେ- ସୌମ୍ୟ ଛୋଟ ବେଳୁ ସତ କହେ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ସାନ ଭାଇ ସପକ୍ଷରେ ବାହାରିଲେ ବଡ଼ଭାଇ । ଆଉ ଏ ଭାଇ ଭାଇ ପ୍ରେମ ଦେଖିବାକୁ ମିଳିଛି ରାଜ୍ୟ ରାଜନୀତିରେ । ଗୋଟିଏ ପରେ ଗୋଟିଏ ବଜ୍ର ଛାଡ଼ି ଶାସକ ଦଳ ବିଜେଡିକୁ ଘାଇଲା କରୁଥିବା ସାନ ଭାଇ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମ୍ପାଦକୀୟ ଲେଖା ଓ ବୟାନ୍‌କୁ ସମର୍ଥନ କରିଛନ୍ତି ବଡ଼ ଭାଇ ନିରଞ୍ଜନ ପଟ୍ଟନାୟକ । ଖାଲି ସମର୍ଥନ କରିନାହାନ୍ତି, ସାନ ଭାଇ ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ ମଧ



କରିଛନ୍ତି ନିରଞ୍ଜନ । ସୌମ୍ୟଙ୍କ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଆମେ ପରିବାର ଭିତରେ ତା' ମୁହଁ ବନ୍ଦ କରିପାରିନୁ । ସମ୍ପାଦକ ହିସାବରେ ସେ ଯାହା ଲେଖିଲେ, ତାକୁ ଗ୍ରହଣ କରିବ ନହେଲେ ନାହିଁ । କିନ୍ତୁ ସମ୍ପାଦକ ଓ ରାଜନୈତିକ ଦଳର ବ୍ୟକ୍ତିକୁ ମିଶାଇ ଦେବା ଠିକ ନୁହେଁ । ବିଜେଡିର ମାଲିକ ନବୀନ ବାବୁ । ସେ ଗୁମାସ୍ତାଙ୍କୁ ନେଇ ଶାସନ ଚଳାଇବେ ନା ମନ୍ତ୍ରୀଙ୍କୁ ନେଇ ଚଳେଇବେ, ତାହା ତାଙ୍କ ନିଷ୍ପତ୍ତି ବୋଲି ନିରଞ୍ଜନ କହିଛନ୍ତି । ସୌମ୍ୟ ଦଳରେ ବିଶୃଙ୍ଖଳିତ କାମ କରୁଥିବା ନେଇ ଗଣମାଧମ ପ୍ରଶ୍ନରେ ସେ କହିଛନ୍ତି, ଯିଏ ବିଶୃଙ୍ଖଳିତ କାମ କରିଛନ୍ତି, ତାକୁ ବିଜେଡିରୁ ବାହାର କରି ଦେଉନାହାନ୍ତି କାହିଁକି ? କଂଗ୍ରେସରେ ଥିବା ବେଳେ ଦଳକୁ ସୁଦୃଢ କରିବାକୁ ଚେଷ୍ଟା କରିଥିଲେ । ତାହା ହୁଏ ତ କଂଗ୍ରେସ ନେତାଙ୍କୁ ଭଲ ଲାଗିଲା ନାହିଁ । ତେଣୁ ଦଳରୁ ବାହାର କରାଗଲା । ଏବେ ବିଜେଡିକୁ ସୁଦୃଢ କରିବା ପାଇଁ ଚେଷ୍ଟା କରୁଛି । ତାକୁ ନେଇ ବିଜେଡି ଭାଇମାନେ ଅସହିଷ୍ଣୁ ହେଲାଣି । ରାଜନୈତକ ପ୍ରସଙ୍ଗରେ ମୁଁ ସୌମ୍ୟ ବାବୁଙ୍କ ସହ ଆଲୋଚନା କରେନାହିଁ ବୋଲି ନିରଞ୍ଜନ କହିଛନ୍ତି ।

## ୧.୦୧ ଲକ୍ଷ କୋଟି ଟଙ୍କାର ୯ଟି ପ୍ରକଳ୍ପକୁ ହାଇଲେଭଲ୍ କ୍ଲିଅରାନ୍ସ




ଭୁବନେଶ୍ୱର, ୧୧/୦୯ (ନି.ପ୍ର): ପୂର୍ବରୁ ପୁଞ୍ଜିନିବେଶର ପ୍ରତିଶ୍ରୁତି ଦେଇଥିବା ୧ଲକ୍ଷ ୧ହଜାର ୮୦୪କୋଟି ଟଙ୍କାର ୯ଟି ଶିଳ୍ପ ପ୍ରକଳ୍ପକୁ ଆଜି ହାଇଲେଭଲ୍ କ୍ଲିଅରାନ୍ସ ଅଥରିଟି(ଏଚଏଲସିଏ)ଙ୍କ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ଅତିରିକ୍ତ ୨୮୫୬୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଏହି ସମସ୍ତ ପ୍ରକଳ୍ପ ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ଭଦ୍ରକ, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ହାଇଲେଭଲ୍ କ୍ଲିଅରାନ୍ସ ଅଥରିଟି ବୈଠକରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡର ପ୍ରସ୍ତାବିତ ବାର୍ଷିକ ୧୨ ନିୟୁତ୍ ଟନ୍ ଉତ୍ପାଦନକ୍ଷମ ମେଗା ଇସ୍ପାତ ପ୍ଲାଂଟର କ୍ଷମତାକୁ ୨୪ ନିୟୁତ ଟନ୍ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ଆଉ ୭୫ହଜାର କୋଟି ଟଙ୍କାର ନିବେଶ ହେବ ଓ ଅତିରିକ୍ତ ୧୨ହଜାର ନିଯୁକ୍ତି ସୁଯୋଗ ମିଳିବ । ସେହିପରି ଜିନ୍ଦଲ ଫେରୋଏସ୍ ଲିମିଟେଡ ଦ୍ୱାରା ୩୪୪୯କୋଟି ଟଙ୍କା ବ୍ୟୟରେ ଯାଜପୁରର କଳିଙ୍ଗନଗରଠାରେ ୨.୩୫ ନିୟୁତ୍ ଟନ୍ ବିଶିଷ୍ଟ କାର୍ବନ ଷ୍ଟିଲ ପ୍ଲାଂଟ ସ୍ଥାପନ ହେବ ଓ ସେଥିରେ ୧୩୯୬ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ଏମଏସପି ମେଟାଲିକ୍ସ ତା'ର ଝାରସୁଗୁଡ଼ାସ୍ଥିତ ମାରାକୁଟାସ୍ଥିତ ରେଳୱେ ସାଇଡିଂ, ପାୱାର ପ୍ଲାଂଟ ଓ ଷ୍ଟିଲ ପ୍ଲାଂଟର ସମ୍ପ୍ରସାରଣ କରିବ । ଏଥିରେ ଅତିରିକ୍ତ ୧୫୦୦କୋଟି ଟଙ୍କା ବିନିଯୋଗ କରିବ ଓ ୪ହଜାର ଲୋକଙ୍କୁ

▶▶ପୃଷ୍ଠା ୭

## ଜିଲ୍ଲାପାଳ ହୋଇ ପିନ୍ଧିଲେ ନବୀନଙ୍କ ଫଟୋ ଥିବା ସାର୍ଟ

### ଅପରାଜିତାଙ୍କ କଟାକ୍ଷ 'ଋତୁ ସବୁବେଳେ ସମାନ ରହିବ ନାହିଁ'

ଭୁବନେଶ୍ୱର/ମୟୂରଭଞ୍ଜ, ୧୧/୦୯ (ନି.ପ୍ର): ପୁଣି ବିବାଦରେ ଫସିଲେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ । ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଟି-ସାର୍ଟ ପିନ୍ଧି ଏବେ ବିବାଦକୁ ଆସିଯାଇଛନ୍ତି । ଏହାକୁ ନେଇ ଭୁବନେଶ୍ୱର ସାଂସଦ ତଥା ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀ ଟ୍ୱିଟ କରି କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା । ଏହି ଅଧିକାରୀ ଜଣକ ମନେ ରଖିବା କଥା ଯେ ସବୁ ଦିନ ଋତୁ ସମାନ ରହିବ ନାହିଁ । ଅର୍ଥାତ ଅପରାଜିତା କଟାକ୍ଷ କରି କହିଛନ୍ତି ଯେ ଦିନେ ନା ଦିନେ ଋତୁ ବଦଳିବ । ଆଉ ସେତେବେଳେ କଣ ହେବ । ତେବେ ଜିଲ୍ଲାପାଳଙ୍କୁ ନେଇ ଏହି ବିବାଦ କିଛି ନୂଆ କଥା ନୁହେଁ । ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ଏହି ଅଧିକାରୀ ଜଣକ ଦୀର୍ଘ ସାଢ଼େ ୫ ବର୍ଷ ହେଲା ନିଜ ଚୌକିରେ ଅଛନ୍ତି । କୌଣସି ଜିଲ୍ଲାରେ ଏକାଦିକ୍ରମେ ଏତେ ବର୍ଷ ରହିବା ସର୍ବଭାରତୀୟ ସର୍ଭିସ ରୁଲ୍‌ର ଖୋଲା ଉଲ୍ଲଂଘନ । ତଥାପି ସେ ସରକାରଙ୍କ ଗେହ୍ଲା ପୁଅ । ତାଙ୍କ ବ୍ୟାଚ୍‌ର ଆଇଏଏସ୍ ଭିନ୍ନ ଭିନ୍ନ ଜିଲ୍ଲାକୁ ଦୁଇ ତିନିଥର ବଦଳି ହୋଇ ସାରିଲେଣି । ହେଲେ କ୍ଷମତା କେନ୍ଦ୍ରର ଆଶୀର୍ବାଦ ଯୋଗୁଁ ଗୋଟିଏ ଜାଗାରେ ଅଛନ୍ତି ୨୦୧୨ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ । ଏମିତି ନୁହେଁ ଯେ, ତାଙ୍କ ବିରୋଧରେ କିଛି ଆପତ୍ତି ଅଭିଯୋଗ ଆସିନି । ଅତୀତରେ ଭଞ୍ଜସେନା ଓ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ବଦଳି ଦାବିରେ ବିକ୍ଷୋଭ ମଧ ହୋଇଛି । କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ତାଙ୍କ ବିରୋଧରେ ଅନେକ ଥର

▶▶ପୃଷ୍ଠା ୭



## ଏଏସ୍‌ଆଇ ରଞ୍ଜନ ସାହୁ ଓ କନଷ୍ଟେବଲ କ୍ଷୀରୋଦ ବେହେରା ନିଲମ୍ବିତ


କଟକ, ୧୧/୦୯ (ନି.ପ୍ର): କଟକ ଜିଲ୍ଲା ଆଠଗଡ଼ ଥାନାରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ଦୁଇ ପୁଲିସ କର୍ମଚାରୀଙ୍କ ବିରୋଧରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ । କାର୍ଯ୍ୟରେ ଅବହେଳା ପାଇଁ ଏଏସଆଇ ରଞ୍ଜନ ସାହୁ ଓ କନଷ୍ଟେବଲ କ୍ଷୀରୋଦ ବେହେରାଙ୍କୁ ନିଲମ୍ବନ କରାଯାଇଛି । କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଏହି ଦୁଇ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି । ଅଗଷ୍ଟ ୯ ତାରିଖରେ ଆଠଗଡ଼ ଥାନା ଅମୃତମଣୋହୀ ପାଟଣା ଗାଁରେ ରାଜନୀତିକ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ବୋମାମାଡ଼ କରିବା ସହିତ ପରସ୍ପରକୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଏହି ଘଟଣାରେ ଅଭିଯୁକ୍ତ ଥିବା ବିରଞ୍ଚି ମନ୍ତ୍ରୀ ଫେରାର ହୋଇଯାଇଥିଲେ । ଗତ ୮ ତାରିଖରେ ସେ ତାଙ୍କ ଘରକୁ ଆସିଥିବା ନେଇ କୌଣସି ସୂତ୍ରରୁ ଆଠଗଡ଼ ଥାନା ପୁଲିସ ଖବର ପାଇଥିଲା । ଏହା ପରେ ବିଳମ୍ବିତ ରାତିରେ ତାଙ୍କୁ ପୁଲିସ ଘରୁ ଉଠାଇ ଆଣିଥିଲା ଓ ଥାନା ହାଜତରେ ରଖିଥିଲା ।

## ଟେଣ୍ଡର ପରେ ଟେଣ୍ଡର ଡ଼କା ଯାଉଛି: ହେଲେ ମା' ତାରିଣୀଙ୍କ ନଡ଼ିଆ କେହି କିଣୁନାହାନ୍ତି

କେନ୍ଦୁଝର, ୧୧/୦୯ (ନି.ପ୍ର): ଟେଣ୍ଡର ପରେ ଟେଣ୍ଡର ଡକା ଯାଉଛି । ହେଲେ ମା' ତାରିଣୀଙ୍କ ନଡ଼ିଆ କେହି କିଣିବାକୁ ରାଜି ହେଉନାହାନ୍ତି । ଯେଉଁଥିପାଇଁ ଖୋଲା ବଜାରରେ ବିକ୍ରି ହେଉଛି ମା' ତାରିଣୀଙ୍କ ମାନସିକ ନଡ଼ିଆ । ଯିଏ ଯେତେବେଳେ ଚାହିଁଲେ, କମ୍ ଦାମରେ ମନ୍ଦିର ପ୍ରଶାସନଠାରୁ ନଡ଼ିଆ କିଣି ନେଉଛନ୍ତି । ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ଘଟଗାଁ ତାରିଣୀ । ମା'ଙ୍କ ପାଖକୁ ନଡିଆଟିଏ ବଢ଼ାଇ ଦେଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ରାତି ପାହିଲେ ମା'ଙ୍କ ପୀଠକୁ ହଜାର ହଜାର ନଡିଆ ପହଞ୍ଚିଥାଏ । ଆସୁଥିବା ମାନସିକ ନଡିଆ ମା' ତାରିଣୀଙ୍କ ମନ୍ଦିର ପରିସରରେ ଥିବା ଦୁଆର ଶୁଣି ମନ୍ଦିରରେ ପିଟାଯିବା ପରେ ଏହାକୁ ଟେଣ୍ଡର ମାଧ୍ୟମରେ

▶▶ପୃଷ୍ଠା ୭

## ମିଛ ଖବରରେ ଅନୁ ଖପ୍ପା: ଥାନାର ଦ୍ୱାରସ୍ଥ ହେଲେ



ଭୁବନେଶ୍ୱର, ୧୧/୦୯ (ନି.ପ୍ର): 'ଅଭିନେତ୍ରୀ ଅନୁ ଚୌଧୁରୀ ଅସୁସ୍ଥ ଅଛନ୍ତି । ତାଙ୍କୁ କ୍ୟାନସର ହୋଇଛି ।' ଏକ ନ୍ୟୁଜ୍ ପୋର୍ଟାଲରେ ଆଜି ଏମିତି ଏକ ଖବର ଦେଖିବା ପରେ ରାଗି ଯାଇଥିଲେ ଅନୁ ଚୌଧୁରୀ । ତାଙ୍କ ନାଁରେ ମିଛ ଖବର ପ୍ରକାଶ କରାଯାଇଥିବା ନେଇ ସେ ଉକ୍ତ ନ୍ୟୁଜ୍ ପୋର୍ଟାଲ ବିରୋଧରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଅନୁ କହିଛନ୍ତି, ମୁଁ ଭଲ ଅଛି । ସଂପୂର୍ଣ୍ଣ ସୁସ୍ଥ ଅଛି । କିନ୍ତୁ ଆଜି ସକାଳୁ ସୋଶାଲ ମିଡିଆରେ ମୋ ନାଁରେ ଏକ ମିଛ ଖବର ପ୍ରଚାରିତ ହୋଇ ଚାଲିଛି । ସେଥିରେ ମୋ ଦେହ ବହୁତ ଖରାପ ଅଛି ଓ ମୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛି ବୋଲି କୁହାଯାଇଛି । ଏକ ନ୍ୟୁଜ୍ ପୋର୍ଟାଲ ଏହି ଖବର ପ୍ରକାଶ କରିଛି । ଉକ୍ତ ଖବରର ଲିଙ୍କ୍ ମୁଁ ସାଇବର ଥାନାକୁ ପଠାଇ ଦେଇଛି । ଏମିତି ମିଛ ଖବର ପ୍ରକାଶ କରୁଥିବା ନ୍ୟୁଜ୍ ପୋର୍ଟାଲଗୁଡ଼ିକ ଉଦ୍ଦେଶ୍ୟରେ ଅନୁ କହିଛନ୍ତି, ଏମିତି ଅପପ୍ରଚାର କରନ୍ତୁ ନାହିଁ । ନିଜର ଭ୍ୟୁୟରଶିପ୍,

▶▶ପୃଷ୍ଠା ୭

# ମାନବ କଲ୍ୟାଣ ଦିଗରେ ବୈଦିକ ଜ୍ୟୋତିଷର ଆଲୋଚନା

ବଲାଙ୍ଗୀର, ୧୧/୦୯ (ନି.ପ୍ର): ବଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷ ଠାରେ ଭର୍ଗୋ ଜ୍ୟୋତି ଏଷ୍ଟ୍ରୋ ରିସର୍ଚ ସେଂଟର, ବଲାଙ୍ଗୀରର ୨୦ତମ ବାର୍ଷିକ ଉତ୍ସବ ସହିତ ଜ୍ୟୋର୍ତି ବିଜ୍ଞାନ ବିକାଶ ପରିଷଦ ପାଟଣାଗଡର ୬ଷ୍ଠ ତମ ଅଧିବେଶନ ମିଳିତ ଭାବରେ ହୋଇଯାଇଛି। ଏହି ସମ୍ମିଳନୀରେ ବିଜ୍ଞ ଜ୍ୟୋତିଷମାନଙ୍କ ଆଲୋଚନା କ୍ରମେ ବୈଦିକ ଜ୍ୟୋତିଷର ଉନ୍ନତି, ଏହି ବିଦ୍ୟାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ସଭ୍ୟମାନଙ୍କୁ ଉତ୍ସାହିତ କରାଯାଇଥିଲା। ବୈଦିକ ଜ୍ୟୋତିଷର ସଭ୍ୟତା ମାନବ କଲ୍ୟାଣରେ କାର୍ଯ୍ୟ କରୁଛି ଉପରେ ଗଭୀର ତର୍ଜମା କରାଯାଇଥିଲା। ଟିକେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେବିପି ସଭାପତି ପଦ୍ମମୁଖ ଶତପଥି, ସଂପାଦକ ବିଜେଏଆରସି ଶରତ ଚନ୍ଦ୍ର ଶତପଥି ମଂଚାସିନ ଥିଲେ। ଏହି ସମ୍ମିଳନୀରେ ପୁରୁଷୋତମ ଦାଶ, ସୁରେନ୍ଦ୍ର କୁମାର ମିଶ୍ର, ରାଧେଶ୍ୟାମ ମେହେର, ଆଲୋକ ରଂଜନ ଶତପଥି, ବ୍ୟାସଦେବ ମିଶ୍ର, ଅଭିମନ୍ୟୁ ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଅଶୋକ ନନ୍ଦ ସହଯୋଗ କରିଥିଲେ। ଶେଷରେ ପଣ୍ଡିତ ଶରତ ଚନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ୩୦ ଜଣଙ୍କୁ ବୈଦିକ ବ୍ରହ୍ମା ମାନପତ୍ର ଦିଆଯାଇଥିଲା।

# ଶାନ୍ତି ବାର୍ତ୍ତା ନେଇ ସାଇକେଲ୍‌ରେ ବାଂଲାଦେଶ ଯିବେ ଦୁଇ ଓଡ଼ିଆ ଝିଅ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ମହାରାଷ୍ଟ୍ରର ଅହମଦ ନଗରସ୍ଥିତ ସ୍ନେହାଳୟ ସଂଗଠନ ତରଫରୁ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଐତିହାସିକ ଶାନ୍ତି ସଦ୍‌ଭାବନା ସାଇକେଲ ଯାତ୍ରା। ଏହି ଯାତ୍ରା କୋଲକାତାରୁ ଆରମ୍ଭ ହୋଇ ବାଂଲାଦେଶ ଅଭିମୁଖେ ଯିବ। ସେଠାରେ ସେପଟ୍ମେର ୩୦ରୁ ଅକ୍ଟୋବର ଦୁଇ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଆଶ୍ରମ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଯୁବ ଶାନ୍ତି ଶିବିରରେ ସାଇକେଲ୍ ଯାତ୍ରୀମାନେ ସାମିଲ ହେବେ। ଓଡ଼ିଶାରୁ ଜାତୀୟ ଯୁବ ପ୍ରକଳ୍ପର ଦୁଇ ଜଣ ସ୍ୱେଚ୍ଛାସେବୀ ଅରୂପା ଗୌଡ଼ ଓ ପୂଜା ଡାକୁଆ ସାଇକେଲ୍ ଯାତ୍ରାରେ ସାମିଲ ହେବେ। ଏଥି ପାଇଁ ଆଜି ଭୁବନେଶ୍ୱରସ୍ଥିତ ଜାତୀୟ ଯୁବ ପ୍ରକଳ୍ପ ସଂଗଠନ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଧନା ସଭାରେ ଯୁବ ଉଦ୍ୟୋଗୀ ବିନାୟକ ପାଣିଗ୍ରାହୀ, ବିଭୁ ସ୍ୱାଇଁ, ପ୍ରଫେସର ରଘୁନାଥ ମଣ୍ଡଳ, ଇଞ୍ଜିନିୟର ସୁନିଲ ନାୟକ, ସ୍ୱର୍ଣଲତା ଜେନା, ସମାଜସେବୀ ସରୋଜ, ରାକେଶ ଓ ଦେବଯାନୀ ଦାସ ଯୋଗ ଦେଇ ଉଭୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ବର୍ଦ୍ଧନା ସଭାକୁ ପୂର୍ଣ୍ଣିମା, ଲିଜା, ହରିଶଙ୍କର, ତୁଷାରକାନ୍ତ, ମାନସୀ ପରିଚାଳନା କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁ ଭାଇ ଧନ୍ୟବାଦ ଜଣାଇଥିଲେ।

## ଟ୍ରକ ପଛରେ ପିଟିହୋଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

କୋରେଇ, ୧୧/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ର ରାଜାରାଣୀ ହୋଟେଲ ନିକଟରେ ଏକ ଲୁହାରଡ୍ ବୋଝେଇ ଟ୍ରକ ପଛରେ ପିଟିହୋଇ ଅନ୍ୟ ଏକ ଆଇରନ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବାରୁ ଆଇରନ ବୋଝେଇ ଟ୍ରକ ଚାଳକ ଆହାତ ହୋଇଛନ୍ତି। ସୂଚନା ମୁତାବକ ଆଇରନ ବୋଝେଇ ଟ୍ରକ(ଓଡି୦୯ଟି୦୪୪୩) ଟି କୁଆଖିଆ ପଟୁ ଯାଜପୁର ରୋଡ୍ ଅଭିମୁଖେ ଯାଉଥିବା ସମୟରେ ରାଜାରାଣୀ ହୋଟେଲ ନିକଟରେ ଆଗରେ ଛିଡାହୋଇଥିବା ଏକ ଲୁହାରଡ ବୋଝେଇ ଟ୍ରକ (ଓଆର୦୪ଏମ୍୮୩୬୬) କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆଇରନ ବୋଝେଇ ଟ୍ରକ ଚାଳକ ଆହାତ ହୋଇଥିଲେ। ଦୁର୍ଘଟଣା ର ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ପହଂଚି ଆହାତ ଚାଳକ ଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତି କରିଥିବା ବେଳେ ଆହାତ ଚାଳକ ଙ୍କ ପରିଚୟ ସ୍ପଷ୍ଟ ଭାବେ ମିଳିପାରିନାହିଁ।ଉଭୟ ଗାଡି ଦ୍ୱୟକୁ ପାଣିକୋଇଲି ପୁଲିସ ଜବତ କରିଛି।

# ଉତ୍କଳ ସାମ୍ବାଦିକ ସଂଘର କାଳିମେଳାଠାରେ ବ୍ଲକ ଶାଖାର ଭୂମିପୂଜନ ଓ ସାଧାରଣ ସଭା ଅନୁଷ୍ଠିତ

ମାଲକାନଗିରି,୧୦ ସେପଟ୍ମେର (ହି. ସ.) - ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଶାଖାର ଗୌରବମୟ ଅଧ୍ୟାୟରେ ଆଉ ଏକ ଫର୍ଦ୍ଦ ଆଜି ଯୋଡିହୋଇ ଯାଇଛି । ରାଜ୍ୟର ସର୍ବ ବୃହତ ସଂଘ ତଥା ସର୍ବପୁରାତନ ସଂଘ ଭାବେ ଉତ୍କଳ ସାମ୍ବାଦିକସଂଘ ସୁପରିଚିତ ଥିବା ବେଳେ ମାଲକାନଗିରି ଜିଲ୍ଲା ଶାଖା ନିଜର ବହୁ ଜନାଭିମୁଖୀ କାର୍ଯ୍ୟ ଯୋଗୁଁ ଜିଲ୍ଲାରେ ନିଜର ସୁନାମ ଆଣିପାରିଛି । ତେବେ ଆଜି ଜିଲ୍ଲା ଶାଖାର ପ୍ରୟାସ କ୍ରମେ ଜିଲ୍ଲାର କାଳିମେଳା ଓ ପଡିଆ ସାମ୍ବାଦିକଙ୍କୁ ନେଇ ଉତ୍କଳ ସାମ୍ବାଦିକ ସଂଘର ଏକ ବ୍ଲକ କାର୍ଯ୍ୟାଳୟ କାଳିମେଳାରେ ସ୍ଥାପନ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭୂମିପୂଜନ ପରେ ସ୍ଥାନୀୟ ଫରେଷ୍ଟର ଗେଷ୍ଟ ହାଉସ ପ୍ରାଙ୍ଗଣରେ ଏକ ସାଧାରଣ ସଭାର ମଧ୍ୟ ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଳିମେଳା ବ୍ଲକ ଅଧ୍ୟକ୍ଷା ସୁଭାସିନୀ ସୋଡି, ପଡିଆ ବ୍ଲକ ଅଧ୍ୟକ୍ଷା ଯମୁନା ମୁଷାକି, ପଡିଆ ସାଂସଦ ପ୍ରତିନଧୀ ସିଏଚ ରାବିଟ କୁମାର, ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ଏମଡି ଫାରୁକ, ସମାଜସେବି ଲଳିତ ନାରାୟଣ ମାଡକାମୀ, କାଳିମେଳା ରେଞ୍ଜର ଟଙ୍କଧର ଦାସ, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁରର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର ପ୍ରମୁଖ ମଂଚାସୀନ ଥିବା ବେଳେ ଅତିଥି ମାନେ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ଗୁରୁତ୍ୱ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଉପରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ଆଜି ଅନେକ ବିକାଶ ମୂଳକ କାର୍ଯ୍ୟ ସହ ନାନା ସମସ୍ୟାକୁ ଲୋକଙ୍କ ଲୋଚନକୁ ଆଣି ଏହାର ସମାଧାନ କରାଇବା ପଛରେ ସାମ୍ବାଦିକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତେଣୁ ସତ ମାର୍ଗରେ ରହି ନିଜର କାର୍ଯ୍ୟ କରିବା ଓ ନିରପେକ୍ଷ ଭାବେ ନିଜର କର୍ତବ୍ୟ କରିବାକୁ ଅତିଥି ମାନେ ସାମ୍ବାଦିକ ମାନଙ୍କୁ ଆହ୍ୱାନ ଦେଇଥିଲେ । ତେବେ ଆଜିର ଏହି ଭୂମି ପୂଜନ ଓ ସାଧାରଣ ବୈଠକରେ ଉତ୍କଳ ସାମ୍ବାଦିକ ସଂଘର କାଳିମେଳା ବ୍ଲକ ଶାଖାର ସଭାପତି ରାଜେଶ ଓଝା, ସମ୍ପାଦକ ଭିକି ବାରିକ, କୋଷାଧକ୍ଷ ସୌରଭ ମଣ୍ଡଳଙ୍କ ସମେତ ବିଦ୍ୟୁତ ବୈରାଗୀ, ସୁଜିତ ମୁଖାର୍ଜୀ, ପ୍ରଭାତ ସାହା, ଟି ସତ୍ୟନାରାୟଣ ସୁ ବୁଦ୍ଧି, ପ୍ରଶାନ୍ତ କୁମାର ସାହୁ, ଭାସ୍କର ରାଓ, ବୁଦ୍ଧଦେବ ମଣ୍ଡଳ , କୁମାର ଆଜର, ରବି କୁମାରଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ସୂଚନା ଥାଉକି କୋଭିଡ୍୧୯ ସମୟରେ କୋଭିଡ ସଚେତନତା ହେଉ କିମ୍ବା ଜିଲ୍ଲାରେ ନିଶାମୁକ୍ତି ଅଭିଯାନ, ସ୍ୱଚ୍ଛ ଭାରତ ଭଳି ଅନେକ ଅଭିଯାନ କରି ଜିଲ୍ଲାରେ ନିଜର ସୁନାମ ଆଣିବା ସହ ପ୍ରଶାସନିକ ତଥା ଜନମାନସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏହି ସଂଘ । ମାଲକାନଗିରି ଜିଲ୍ଲାରେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲାରେ କାର୍ଯ୍ୟାଳୟ ସ୍ଥାପନ କରିବା ପରେ ବର୍ତମାନ ଜିଲ୍ଲାର ବିଭିନ୍ନ ବ୍ଲକ ଠାରେ ନିଜର କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଏହିପରି ପଦକ୍ଷେପ ନେଇଥିବା ସଂଘ ପକ୍ଷରୁ କୁହାଯାଇଛି । ଏହି ଅବସରରେ ତିନିଜଣ ନୂଆ ସାମ୍ବାଦିକ ସଦସ୍ୟ ମାନେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ସାମିଲ ହୋଇଥିଲେ । ସେମାନେ ହେଲେ ବବାନା ଦଳେଇ, ପ୍ରଶାନ୍ତ କୁମାର ସାହୁ, ରାଜେଶ ପାତ୍ର ପ୍ରମୁଖ ।

## ଲୋୟର ସୁକଟେଲ ନୂତନ ବସତି ଅଂଚଳରେ ଯୁବ କୁଲୁଟା ସମାଜର ବୃକ୍ଷରୋପଣ ଓ ଚାରା ବଂଟନ

ବଲାଙ୍ଗୀର, ୧୧/୦୯ (ନି.ପ୍ର): ଆଜି ବଲାଙ୍ଗୀର ଜିଲ୍ଲା ଯୁବ କୁଲୁଟା ସମାଜ ତରଫରୁ ନୂତନ ଭାବେ ବସତି ସ୍ଥାପନ ହୋଇଥିବା ଏଲ୍ଏସ୍‌ପି ଆରଆର କଲୋନୀ ଠାରେ ବୃକ୍ଷରୋପଣ ଓ ଚାରା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ସଭାପତି ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୁଲୁଟା ସମାଜର ବରିଷ୍ଠ ସଦସ୍ୟ ଜ୍ଞାନ ଗଡତିଆ ମା' ରାମଚଣ୍ଡିଙ୍କ ଠାରେ ପୂଜା କରି ଶୁଭାରମ୍ଭ କରିଥିଲେ। ବୁଡି ଅଂଚଳରୁ ବିସ୍ଥାପିତ ହୋଇ ବଲାଙ୍ଗୀରର ଏଲ୍ଏସ୍‌ପି ଆରଆର୍ କଲୋନୀ ଠାରେ ନୂତନ ଭାବେ ଜନବସତି ସ୍ଥାପନ କରିଥିବା ଅଂଚଳରେ ଗୋଟିଏ ମଧ୍ୟ ବୃକ୍ଷ ନଥିବାବେଳେ ୭୦ଟି ଚାରା ରୋପଣ କରାଯାଇଥିଲା ଓ ୫୦ ଟି ଚାରା ଘରମାନଙ୍କୁ ଯାଇ ବଣ୍ଟନ କରିଥିଲେ। ଯୁବ ସଂଗଠନର ଏଭଳି କାର୍ଯ୍ୟକୁ ଦେଖି ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବଲାଙ୍ଗିର ବନ ବିଭାଗ ଓ ସିଆରପିଏଫ୍ ୧୮୯ ବେଟେଲିଆନ ଜବାନମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ କୁଲୁଟା ସମାଜର ସମ୍ପାଦକ ଭୁବନେଶ୍ୱର ଭୋଇ, ସହ ସଂପାଦକ ରୋହିତ ବିଶ୍ୱାଳ, କୋଷାଧ୍ୟକ୍ଷ ଅମିତ ବାରିକ, ଲିଙ୍ଗରାଜ ଗଡତ୍ୟା, ଗୋପିନାଥ ପଧାନ, ଝୁନୁ ପଧାନ, ଅସିତ ରଞ୍ଜନ ସାହୁ, ଆଲୋକ ରଞ୍ଜନ ପଧାନ, ସୁଜିତ କୁମାର ଗଡତ୍ୟା, ଆକାଶ ପଧାନ, କିରନ ଭୋଇ, ଯୋଗେଶ୍ୱର ଭୋଇ, ବନ ବିଭାଗର ଚିନ୍ମୟ ପଧାନ, ଭାରତୀ ଜାନୀ, ସୁଭସ୍ମିତା ମେହେର ଓ ଶତୃଘ୍ନ ବଗର୍ତି ପ୍ରମୁଖ ସହଯୋଗ କରିଥିଲେ।

## ମା' ତାରା ତାରିଣୀ ମନ୍ଦିରର ପବିତ୍ରୀ କରଣ ପୂଜା

ଚମ୍ପୁଆ, ୧୧/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଜାଲି ପଂଚାୟତ ଅନ୍ତର୍ଗତ ଜାଲି ଗ୍ରାମ ହାତୀ ମିନାର ପରିସରରେ ଥିବା ମା ତାରା ତାରିଣୀ ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଡ଼କ୍ଟର କୃଷ୍ଣଚନ୍ଦ୍ର ନାୟକଙ୍କ ପରଲୋକର ଦୀର୍ଘ ଦିନ ପୂଜା ବନ୍ଦ ପରେ ଆଜି ରବିବାର ଦିବା ଏଗାର ଘଟିକା ସମୟରେ ମନ୍ଦିରର ପବିତ୍ରୀକରଣ ପୂଜା ଅର୍ଚ୍ଚନା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ଉଦୟ ନାଥ ପଣ୍ଡା ପୂଜା ଅର୍ଚ୍ଚନା କରି ମନ୍ଦିରର ପବିତ୍ରୀ କରଣ କରିଥିଲେ କ୍ଷ ପୂଜା ସଂକଳ୍ପରେ ମନ୍ଦିର ପ୍ରତିଷ୍ଠାତାଙ୍କ ପୁତ୍ର ଡ଼କ୍ଟର ଯଯାତି ନାୟକ, ସ୍ୱୟଂପ୍ରଭା ନାୟକ ସସ୍ତ୍ରୀକ ବସିଥିଲେ କ୍ଷ ସୋମବାର ଠାରୁ ମା' ତାରା ତାରିଣୀଙ୍କ ଦୈନିକ ପୂଜା ରୀତି ନୀତି ଅନୁସାରେ ହେବା ସହିତ ପ୍ରତି ମଙ୍ଗଳବାର ଦିନ ମା'ଙ୍କ ବିଶେଷ ପୂଜା ହେବ ବୋଲି ପୂଜକ ପ୍ରକାଶ କରିଛନ୍ତି କ୍ଷ ମା'' ତାରା ତାରିଣୀଙ୍କ ପବିତ୍ରୀକରଣ ପୂଜାରେ ଜାଲି ସରପଂଚ ତୁଳସୀ ବଲ୍ଲଭ ସିଂହ, ଲକ୍ଷ୍ମୀଧର ନାୟକ, ସୁଷମା ନାୟକ, ପ୍ରଜ୍ଞାପାରମିତା ନାୟକ, ଅପରାଜିତା ପ୍ରିୟଦର୍ଶିନୀ, ବିଚିସ୍ମିତା, ଦମୟନ୍ତୀ, ତୃପ୍ତି, କ୍ଷୀରୋଦ ଚନ୍ଦ୍ର ନାୟକ, ଡମ୍ବରୁ ମହାନ୍ତ ପ୍ରମୁଖ ମନ୍ଦିର କମିଟି ସଦସ୍ୟ, ଭକ୍ତ ଶ୍ରଦ୍ଧାଳୁ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମ ପାଣିତୀ ରବୀନ୍ଦ୍ର ମହାରଣା, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଦୋଳଗୋବିନ୍ଦ ନାୟକଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।

# ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ କର୍ମଶାଳାରେ ବକ୍ତା ହେବେ କୋରାପୁଟର ସପ୍ତମ ଶ୍ରେଣୀ ଛାତ୍ରୀ

ଜୟପୁର, ୧୧/୦୯ (ନି.ପ୍ର): ଆସନ୍ତା ୧୨ତାରିଖ ଠାରୁ ନୂଆଦିଲ୍ଲୀର ଆଇସିଏଆର କନଭେନସନ ସେଣ୍ଟର ଠାରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏବଂ ରୋମର ଆଇଟିପିଜିଆରଏଫଏ, ଏଫଏଓ ସଂସ୍ଥା ସହଯୋଗରେ ଫାଷ୍ଟ ଗ୍ଲୋବାଲ ସିମ୍ପୋସିଜମ୍ ଅନ୍ ଫାର୍ମସ୍ ରାଇଟସ୍ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଏଥିରେ ଜଣେ ବକ୍ତା ଭାବେ ଭାଗ ନେବାକୁ ନିମନ୍ତ୍ରଣ ପାଇଛନ୍ତି ଜୟପୁର ପ୍ରକାଶ ଇଂରାଜୀ ଉଚ୍ଚବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରୀ ହାର୍ଷିତା ପ୍ରିୟଦର୍ଶିନୀ ମହାନ୍ତି। ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀଙ୍କୁ ୧୫୦ କିସମର ବିଲୁପ୍ତ ଦେଶୀ ଧାନ, ୫୩ ପ୍ରକାର କିସମର ଦେଶୀ ମାଣ୍ଡିଆ, ୭ କିସମର ବାଜରା ସଂଗ୍ରହ କରିଥିବାରୁ ତାଙ୍କୁ ବକ୍ତା ଭାବେ ଦିନକ ପାଇଁ ଡାକିଛନ୍ତି ପ୍ରେଟେକ୍ସନ ଅଫ ପ୍ଲାଣ୍ଟ ଭ୍ୟାରାଇଟିସ୍ ଏଣ୍ଡ ଫାର୍ମର୍ସ ରାଇଟ୍ ଅଥରିଟିର ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ର। ସେ ଆସନ୍ତା ୧୪ତାରିଖ ଦିନ କୃଷକଙ୍କ ଅଧିକାର ଉପରେ ବକ୍ତବ୍ୟ ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏହି ଅର୍ନ୍ତଜାତୀୟ କର୍ମଶାଳାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଏଥିରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ବି ଯୋଗ ଦେବେ। ସମଗ୍ର ଭାରତର ୫୦୦ଜଣ ବଛା ବଛା କୃଷକ ପ୍ରତିନିଧି, କୃଷକ ଅଧିକାର ପାଇଁ ଲଢ଼େଇ କରୁଥିବା ବ୍ୟକ୍ତି ବିଶେଷ, କୃଷି ବେ?ଜ୍ଞାନିକ, ଧାନ ସଂଗ୍ରହକାରୀଙ୍କୁ ଡକାଯାଇଥିବା ସୂଚନା ମିଳିଛି। ଏହି ୫୦୦ଜଣଙ୍କ ମଧ୍ୟରେ ଜଣେ ଛାତ୍ରୀଭାବେ ଓଡ଼ିଶାର ହର୍ଷିତା ପ୍ରିୟଦର୍ଶନୀ ଭାଗ ନେବା ନିଶ୍ଚିତ ରୁପେ ଅଂଚଳ ପାଇଁ ଗର୍ବ ଓ ଗୌରବର ବିଷୟ। ଏଥିପୂର୍ବରୁ ହର୍ଷିତା ପ୍ରିୟଦର୍ଶନୀଙ୍କ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଡ.ଅରବିନ୍ଦ ପାଢ଼ୀ ହର୍ଷିତାଙ୍କୁ ସ୍ୱତନ୍ତ୍ରଚିଠି ଲେଖି ଛାତ୍ରୀଙ୍କୁ ପ୍ରସାହିତ କରିଥିଲେ।

# ରାଜ୍ୟରେ ଖଣି ଓ ଖଣିଜ କାରବାରକୁ ନେଇ କେନ୍ଦ୍ର ଖଣି ସଚିବଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଭି. ଏଲ. କାନ୍ତାରାଓ ଖଣି ଓ ଖଣିଜ କାରବାର କ୍ଷେତ୍ରରେ ନିୟୋଜିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାର ପଦାଧିକାରୀ ଏବଂ ଅନ୍ୟ ଅଂଶୀଦାରମାନଙ୍କୁ ନେଇ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି । ବୈଠକରେ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଭାରତୀୟ ବୈଜ୍ଞାନିକ ସର୍ବେକ୍ଷଣ(ଜିଏସଆଇ)ର ମହାନିର୍ଦ୍ଦେଶକ ଜନାର୍ଦ୍ଦନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ଜିଏସଆଇ, ନାଲକୋ, ଆଇବିଏମ ଭଳି କେନ୍ଦ୍ର ସରକାରୀ ସଂସ୍ଥା ଓ ରାଷ୍ଟ୍ରାୟତ ଉଦ୍ୟୋଗ ସମେତ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ, ଖଣି ଓ ଭୂବୈଜ୍ଞାନିକ ନିର୍ଦ୍ଦେଶାଳୟ, ଓଡ଼ିଶା ଖଣି ନିଗମ (ଓଏମସି), ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ଜେଏସଡବ୍ଲୁ, ଜେଏସପିଏଲ, ବେଦାନ୍ତ, ଏଏମଏନଏସ, ଆସୋଚାମ୍, ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି), ଟାଟା ଷ୍ଟିଲ, ଫିକି, ଫିମି, ୟୁସିସିଆଇଏଲ, ସିଆଇଆଇ ଭଳି ଶିଳ୍ପାନୁଷ୍ଠାନ ଓ ଶିଳ୍ପ ସଂଘର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ନିଜର ମତ ରଖିଥିଲେ। ଓଡ଼ିଶାରେ ଖଣି ଖନନ ଓ ଖଣିଜ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ବିଚାର ବିମର୍ଶ କରାଯାଇଥିଲା। କେନ୍ଦ୍ର ଖଣି ସଚିବ ବିଭିନ୍ନ ସଂସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ସଂସ୍ଥା ଦ୍ୱାରା ଖଣିଜ ଉତୋଳନ କାର୍ଯ୍ୟକୁ ବଢ଼ାଇବା ଏବଂ ଏନଏମଇଟି ପାଣ୍ଠିର ଉପଯୋଗ କରିବା, ଖଣିଗୁଡ଼ିକର ନିଲାମୀ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ନିଲାମ ହୋଇଥିବା ଖଣିଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକ୍ଷମ କରିବା ଏବଂ ଦୀର୍ଘସ୍ଥାୟୀ ଖଣି ଖନନ ସହିତ ଉତ୍ପାଦନ ବଢ଼ାଇବା ପାଇଁ ମିଳିତ ପ୍ରୟାସ ଲାଗି ଆହ୍ୱାନ କରିଥିଲେ। ଦେଓରଞ୍ଜନ କୁମାର ସିଂ ନିଜ ବକ୍ତବ୍ୟରେ ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ଏଜେନ୍ସିର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଏ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଓଡ଼ିଶାରେ ଖଣି କ୍ଷେତ୍ରର ବିକାଶ ପାଇଁ ଖଣି ମନ୍ତ୍ରଣାଳୟ ଏବଂ ରାଜ୍ୟର ବିଭିନ୍ନ ସଂସ୍ଥା ମଧ୍ୟରେ ଉନ୍ନତ ସମନ୍ୱୟ ପାଇଁ ସଚିବ ଆଶ୍ୱାସନା ଦେଇଥିଲେ ।

# ମାଙ୍କଡ଼ ଘଉଡ଼ିବାକୁ ଗଲାବେଳେ ମାଡ଼ିଗଲା ମାଲବାହୀ ଟ୍ରକ୍ : କ୍ଷତି ପୂରଣ ଦାବିରେ ରାସ୍ତାରୋକ

କନ୍ଧମାଳ, ୧୧/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅଂଚଳରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆଜି ସକାଳବେଳେ କୋଟଗଡ ଥାନା ଅନ୍ତର୍ଗତ ବଣ୍ଡାପିପିଲି ଅଂଚଳରେ ଶୁକ ମାଝୀ ନାମକ ଜଣେ ବ୍ୟକ୍ତି ତାଙ୍କ ବାରିରେ ମାଙ୍କଡ ପଶିଥିବାରୁ ତାକୁ ଘଉଡାଇବାକୁ ଯିବାବେଳେ ହଠାତ ଏକ ମାଲ ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଆସି ବୃଦ୍ଧଙ୍କ ଉପରେ ଚଢିଗଲା। ଫଳରେ ଘଟଣା ସ୍ଥଳରେ ହିଁ ଶୁକ ମାଝୀଙ୍କ ଶରୀର ରାସ୍ତା ଉପରେ ପେଷି ହୋଇ ଗଲା ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କୋଟଗଡ ଥାନା ପୋଲିସ ଖବର ପାଇ ଟ୍ରକ କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ମୃତକଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ମାନେ ଶୁକ ମାଝୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତି ପୁରଣ ଦାବୀରେ ରାସ୍ତା ରୋକ କରିଥିଲେ ଫଳରେ ଦିର୍ଘ ସମୟ ଧରି ଯାତାୟାତ ବାଧା ପ୍ରାପ୍ତ ହୋଇଥିଲା। ତେବେ ପ୍ରଶାସନିକ ଅଧିକାରୀ ଏବଂ ପୋଲସ୍ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା।

# ଶିଶୁ ଉପନ୍ୟାସ 'କୁନିବଣି' ଓ 'ମୁଁ ବି ଆମ୍ବେଦ୍‌କର' ଉନ୍ମୋଚିତ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ଶିଶୁ ସାହିତ୍ୟିକ ପ୍ରଶାନ୍ତ ମଙ୍ଗରାଜଙ୍କ ଲିଖିତ ଶିଶୁ ଉପନ୍ୟାସ 'କୁନିବଣି' ଏବଂ କନ୍ନଡ଼ ଭାଷାରୁ ତାଙ୍କ ଦ୍ୱାରା ଅନୂଦିତ ଶିଶୁ ଉପନ୍ୟାସ 'ମୁଁ ବି ଆମ୍ବେଦ୍‌କର' ପୁସ୍ତକ ଉନ୍ମୋଚିତ ହୋଇଛି । ରବିବାର ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀ ସଭାଗୃହରେ ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଏହି ଦୁଇ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡକ୍ଟର ଶାନ୍ତନୁ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ଓ ଶିଶୁ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା, ବାଲସାହିତ୍ୟ ପୁରସ୍କାରପ୍ରାପ୍ତ ଲେଖକ ବୀରେନ୍ଦ୍ର ମହାନ୍ତି, ବିଶେଷ ଅତିଥି ଭାବେ କନ୍ନଡ ଭାଷା ପାଇଁ ବାଲସାହିତ୍ୟ ପୁରସ୍କାରପ୍ରାପ୍ତ ଲେଖକ ଏଚ.ଏସ. ବ୍ୟାକୋଡ ଯୋଗ ଦେଇଥିଲେ।

ଉତ୍ସବ ଆରମ୍ଭରେ ବିଶିଷ୍ଟ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ଶାନ୍ତନୁ କୁମାର ଆଚାର୍ଯ୍ୟ 'କୁନିବଣି' ଏକ ଯୁଗସ୍ରଷ୍ଟା ଶିଶୁ ଉପନ୍ୟାସ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଲେଖକ ବୀରେନ୍ଦ୍ର ମହାନ୍ତି ଶିଶୁ ଉପନ୍ୟାସ ଅଧିକରୁ ଅଧିକ ଲିଖନ ପାଇଁ ପରାମର୍ଶ ଦେଇଥିଲେ।

ଶିକ୍ଷାବିତ ତଥା ଶିଶୁ ସାହିତ୍ୟିକ ସନାତନ ପଣ୍ଡା ଶିଶୁ ଉପନ୍ୟାସକୁ ବିଦ୍ୟାଳୟରେ ଅଧିକରୁ ଅଧିକ ପାଠକ ପ୍ରିୟ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ମୁଖ୍ୟବକ୍ତା ତଥା ଶିଶୁ-ସାହିତ୍ୟିକ ଦାଶ ବେନହୁର ଶିଶୁ ସାହିତ୍ୟ ଆଜିକାଲି ପାଠକାଦୃତ ହେଉଥିବା ବ୍ୟକ୍ତ କରିଥିଲେ ଏବଂ ଏହା ପିଲାଙ୍କ ପାଖରେ ଅଧିକରୁ ଅଧିକ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ସଭାମୁଖ୍ୟ ତଥା ବାଲସାହିତ୍ୟ ପୁରସ୍କାରପ୍ରାପ୍ତ ଲେଖକ ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସ ଶିଶୁ ସାହିତ୍ୟ ଏବଂ ସମାଜ ଗଠନରେ ଶିଶୁ ଉପନ୍ୟାସର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିବା ସହ 'କୁନିବଣି' ଭଳି ଏକ ଭଲ ଉପନ୍ୟାସକୁ ଉପହାର ଦେବା ନିମନ୍ତେ ସମସ୍ତଙ୍କୁ କହିଥିଲେ।

ବିଶେଷ ଅତିଥି ବାଲସାହିତ୍ୟ ପୁରସ୍କାରପ୍ରାପ୍ତ ଏଚ.ଏସ. ବ୍ୟାକୋଡ୍ ଆଞ୍ଚଳିକ ଭାଷାରେ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଅନୁବାଦଧର୍ମୀ ଲିଖନ ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ କନ୍ନଡ ଭାଷାରୁ ଓଡ଼ିଆକୁ ପ୍ରଥମଥର ପାଇଁ ଶିଶୁ ଉପନ୍ୟାସ ଅନୁବାଦିତ ହୋଇଥିବାରୁ ଅନୁବାଦକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମୀକ୍ଷକ ଡକ୍ଟର ହେମନ୍ତ କୁମାର ଛୋଟରାୟ ଉନ୍ମୋଚିତ ଉପନ୍ୟାସ ଦ୍ୱୟ ଓଡ଼ିଆ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବ ବୋଲି ମତପ୍ରକାଶ କରିଥିବାବେଳେ 'କୁନିବଣି'କୁ ସମୀକ୍ଷା କରି ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ତାହା ଶିଶୁ ପ୍ରିୟ ଓ ଶିଶୁ ଉପଯୋଗୀ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବର ପ୍ରାରମ୍ଭରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଓ ସୁଶ୍ରୀ ନଳିନୀପ୍ରଭା ଦାଶଙ୍କ ସଂଯୋଜନାରେ ଶିଶୁ-କିଶୋର କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଶିଶୁ ସାହିତ୍ୟିକ ଡକ୍ଟର ଶରତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ ଶିଶୁ କବିତା ପାଠ କରିଥିଲେ।

ଏହି ଅବସରରେ କନ୍ନଡ ଭାଷାର ଶିଶୁ ସାହିତ୍ୟିକ ତଥା ଆନ୍ତର୍ଜାତିକ ବନ୍ୟପ୍ରାଣୀ ଫଟୋଗ୍ରାଫର ଏଚ.ଏସ. ବ୍ୟାକୋଡ, ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାରପ୍ରାପ୍ତ ବିଜ୍ଞାନ ଲେଖକ ହିମାଂଶୁ ଶେଖର ଫତେସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଶିଶୁ-ପ୍ରତିଭା ଶେଖର କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ସାହୁ, କୁମାରୀ ରତ୍ନମଞ୍ଜରୀ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଏଚ.ଏସ. ବ୍ୟାକୋଡଙ୍କ କନ୍ୟା ଯମୁନେଶ୍ୱରୀ ଉନ୍ମୋଚିତ ପୁସ୍ତକର ମୂଳ କନ୍ନଡ଼ ବହିଟି ମୈତ୍ରୀ ମିଶନକୁ ପ୍ରଦାନ କରିଥିବା ବେଳେ, ମୈତ୍ରୀ ମିଶନ ତରଫରୁ ତାଙ୍କୁ ଓଡ଼ିଆ ଅନୁବାଦଟି ପ୍ରଦାନ କରାଯାଇଥିଲା। ଉନ୍ମୋଚିତ ବହି ଦୁଇଟିକୁ ନେଇ ଲେଖକ ପ୍ରଶାନ୍ତ କୁମାର ମଙ୍ଗରାଜ ନିଜ ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯକ୍ରମର ସଫଳତା ନିମନ୍ତେ ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମଟିକୁ 'ଶିଶୁ କିଶୋର ସୃଜନୀ-ସଖା ଆସର' ତରଫରୁ ଆୟୋଜନ କରାଯାଇଥିଲା।

# ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା, ୧୧/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୧ ତମ ଜୟନ୍ତୀ ଉତ୍ସବ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ ଓ ସାହିତ୍ୟ ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମାଜର ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ,ସମ୍ମାନୀତ ଅତିଥିଭାବେ ଡକ୍ଟର ସଂଗ୍ରାମ ଜେନା,ପ୍ରଫେସର ନାରାୟଣ ପଣ୍ଡା ଓ ଆଲୋଚକ ଭାବେ କବି ଡକ୍ଟର ଗୌତମ ଜେନା ପ୍ରମୁଖ ଯୋଗ ଦେଇ ଉତ୍କଳ ଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଜୟନ୍ତୀ ଉତ୍ସବରେ ଡକ୍ଟର ପିତବାସ ନାୟକ,ଶକୁନ୍ତଳା ଦାଶ,ଡକ୍ଟର ରଶ୍ମିତା ମୌନ୍ତି,ନିର୍ମଳାବାଳା ମିଶ୍ର ଓ ସନ୍ଧ୍ୟା ଘଡେଇ ପ୍ରମୁଖ ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ସାହିତ୍ୟ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ମହେଶ୍ୱର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ତୁହିନାଂଶୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ କବି,ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ଆଣ୍ଠୁଗଣ୍ଠି ସମସ୍ୟା ହେଲେ କ'ଣ କରିବେ ?



**ନିୟମିତ ବ୍ୟାୟାମ:**

ବ୍ୟାୟାମ ଦ୍ୱାରା ମାଂସପେଶୀ ସୁଦୃଢ଼ ହେବା ସହିତ ଆଣ୍ଠୁ ମାଂସପେଶୀକୁ ନମନୀୟ କରାଯାଇ ଏହାର ସାଧାରଣ କାର୍ଯ୍ୟକାରିତା ବୃଦ୍ଧି କରାଯାଇଥାଏ। ଚାଲିବା, ପହଁରିବା ଏବଂ ରେଜିଷ୍ଟାନ୍ସ ଏକ୍ସରସାଇଜ ଦ୍ୱାରା ଏହି ମାଂସପେଶୀ ସୁଦୃଢ଼ ହୋଇଥାଏ। ତେଣୁ ପ୍ରତିଦିନ ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ।

**ସ୍ୱାସ୍ଥ୍ୟ ଉପଯୋଗୀ ଓଜନ ଅବ୍ୟାହତ ରଖନ୍ତୁ:**

ଯଦି ଆପଣଙ୍କ ଶରୀର ଓଜନ ସାଧାରଣ ଅପେକ୍ଷା ଅଧିକ ରହିଛି ତେବେ ଏହି ଅତିରିକ୍ତ ଓଜନ ଆପଣଙ୍କ ଆଣ୍ଠୁ ଉପରେ ଅତ୍ୟଧିକ ଚାପ ପକାଇବାର ଆଶଙ୍କା ରହିଥାଏ। ତେଣୁ ଓଜନ ହ୍ରାସ କରିବା ସ୍ୱାସ୍ଥ୍ୟ ଉପଯୋଗୀ ଓଜନ ଅବ୍ୟାହତ ରଖନ୍ତୁ। ଉପଯୁକ୍ତ ଓଜନ ଦ୍ୱାରା ଆପଣଙ୍କ ଯନ୍ତ୍ରଣା ଉପଶମ ହେବା ସହିତ ଆପଣଙ୍କୁ ଅରଥ୍ରିଟିସ୍ ଠାରୁ ଦୂରେଇ ରଖିଥାଏ।

**ମେଡ଼ିକାଲ ପରାମର୍ଶ ଗ୍ରହଣ କରନ୍ତୁ:**

ଯଦି ଆପଣଙ୍କ ଆଣ୍ଠୁରେ ଗୁରୁତର ଯନ୍ତ୍ରଣା ହେବା ସହିତ ଏଠାରେ ଫୁଲା ସୃଷ୍ଟି



ହୋଇଥାଏ ଏବଂ ଆପଣଙ୍କ ସାଧାରଣ ଚଳପ୍ରଚଳ କ୍ଷେତ୍ରରେ ବାଧା ଉତ୍ପନ୍ନ ହୋଇଥାଏ। ତେବେ ଆପଣ ସମସ୍ୟାକୁ ଅଧିକ ଗୁରୁତର ହେବାକୁ ନଦେଇ ଯଥାଶୀଘ୍ର ମେଡ଼ିକାଲ ପରାମର୍ଶ ଗ୍ରହଣ କରନ୍ତୁ। ଆପଣ ଯେତେ ଶୀଘ୍ର ଚିକିତ୍ସା ପଦ୍ଧତି ଗ୍ରହଣ କରିବେ ସେତେ ଶୀଘ୍ର ଆପଣ ସୁସ୍ଥ ହେବେ।

**ଆବଶ୍ୟକ ସ୍ଥଳେ ଗରମ ଥିବା କିମ୍ବା ବରଫ ଥଳୀର ବ୍ୟବହାର କରନ୍ତୁ:**



ଆବଶ୍ୟକ ସ୍ଥଳେ ବରଫ ଥଳୀ କିମ୍ବା



ଥଣ୍ଡା ମଟର ମଞ୍ଜି ବ୍ୟବହାର କରି ଆକ୍ରାନ୍ତ ସ୍ଥାନକୁ ଥଣ୍ଡା ରଖନ୍ତୁ ଅଥବା ଗରମ ପାଣି ବୋତଲ ବ୍ୟବହାର କରନ୍ତୁ।। ଏହାକୁ ପ୍ରତ୍ୟକ୍ଷ ଭାବରେ ତ୍ୱଚା ସମ୍ପର୍କରେ ଆଣନ୍ତୁ ନାହିଁ। ବରଫ ଯନ୍ତ୍ରଣା ଉପଶମ କରିବା ସହିତ ଆକ୍ରାନ୍ତ ସ୍ଥାନରେ କଠିନତା ଦୂର କରିଥାଏ।



**ବ୍ୟାୟାମ ପୂର୍ବରୁ ୱାର୍ମ ଅପ୍ କରନ୍ତୁ:**

ୱାର୍କ ଅପ୍ କରିବା ଦ୍ୱାରା ଆପଣଙ୍କ ଶରୀର ବ୍ୟାୟାମର ସୁଫଳ ଉପଲବ୍ଧ କରିବାକୁ ସକ୍ଷମ ହୋଇଥଏ। ଏହାଦ୍ୱାରା କୌଣସି ପ୍ରକାର ଆଘାତକୁ ପ୍ରତିରୋଧ କରିଥାଏ। ତେଣୁ ବ୍ୟାୟାମ ପୂର୍ବରୁ ୱାର୍ମ ଅପ୍ ହେବା ଆବଶ୍ୟକ ତଥା ବ୍ୟାୟାମ ପରେ ଶରୀରକୁ ସମ୍ପ୍ରସାରିତ କରି ରଖିବା ଆବଶ୍ୟକ।

# ପ୍ଲସ୍ ସାଇଜରେ ସ୍ମାର୍ଟ ଫେସନ୍



ସେମାନଙ୍କ ଜୀବନରୁ ସବୁ ରଙ୍ଗ ଚାଲିଗଲା, ସେମାନେ ଆଉ ସୁନ୍ଦର ଦିଶିବେ ନାହିଁ। କିନ୍ତୁ ଏ ଭଳି ଧାରଣା ଭୁଲ। ନିଜ ମୋଟା ଶରୀରକୁ ନେଇ ମନଦୁଃଖ କରିବା ଉଚିତ ନୁହେଁ ବା ନିଜ ପ୍ରତି ଅବହେଳା ମଧ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ଅଳ୍ପ କିଛି ଦିଗପ୍ରତି ସତର୍କ ରହିଲେ ପ୍ଲସ ସାଇଜର ଶରୀରକୁ ନେଇ ମଧ୍ୟ ସ୍ମାର୍ଟ ଓ ହଟ୍ ଦିଶିବା ସମ୍ଭବ।

ଏଭଳି ଅନେକ ପ୍ଲସ ସାଇଜର ମହିଳା ପୋଷାକକୁ ନେଇ ବେଶ୍ ଚିନ୍ତାରେ ରହିଥାଆନ୍ତି। ସେମାନେ ଭାପ୍ନି, ସବୁ ପୋଷାକ ତନୁପାତଳୀଙ୍କ ପାଇଁ, ଆମ ପାଇଁ କିଛି ନାହିଁ। କିନ୍ତୁ ଏଭଳି ଭାବନା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଆପଣ ଯଦି ମୋଟା, ତେବେ ପୋଷାକପତ୍ର ମାମଲାରେ ନିମ୍ନଲିଖିତ ବିଷୟଗୁଡ଼ିକୁ ମନେ ରଖନ୍ତୁ:

**ଫିଟିଙ୍ଗ ପୋଷାକ:** ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରେସ କିଣିବା ବେଳେ ଠିକ୍ ସାଇଜ ତଥା ଶରୀରକୁ ଫିଟିଙ୍ଗ ହେବା ଭଳି ପୋଷାକ କିଣିବା ଦରକାର। ପ୍ଲସ ସାଇଜର ମହିଳାମାନେ ଅବହେଳା ବା ଅଜ୍ଞତା ପାଇଁ ଢିଲା କିମ୍ବା ଟାଇଟ ପୋଷାକ ପିନ୍ଧିଥାଆନ୍ତି। ତେବେ ଏକଦମ ଟାଇଟ ପୋଷାକ ବା ପୂରା ଢିଲା ଡ୍ରେସ ପିନ୍ଧିବା ଦ୍ୱାରା ସେମାନଙ୍କ ଲୁକ ଖରାପ ହୋଇଯାଏ। ସେଥିପାଇଁ ମନେରଖିବା କଥା ହେଉଛି ଆପଣ ପ୍ଲସ ସାଇଜର ହୁଅନ୍ତୁ କି ନହୁଅନ୍ତୁ ଯଦି ଶରୀରକୁ ଠିକ୍ ଭାବରେ ଫିଟିଙ୍ଗ ହେଉଥିବା ପୋଷାକ ପିନ୍ଧୁଛନ୍ତି ତେବେ ଆପଣ ନିଶ୍ଚୟ ସୁନ୍ଦର ଓ ଷ୍ଟାଇଲିସ ଦିଶିବେ।

ଆଜିକାଲି ସ୍ଲିମ ଫିଗରର ସମୟ ଚାଲିଛି। ପତଳା ହେବାକୁ ମହିଳାମାନେ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ତେବେ କିଛି ବିଶେଷ କାରଣ ଯୋଗୁଁ କିଛି ମହିଳା ପତଳା ହୋଇ ପାରନ୍ତି ନାହିଁ। ପତଳା ହୋଇ ନପାରିଲେ ଅନେକ ଭାବନ୍ତି,



**ଲଙ୍ଗ ଟପ୍ସ:** ପ୍ଲସ ସାଇଜର ମହିଳାମାନଙ୍କୁ ଛୋଟ ଟପ୍ସ ପରିବର୍ତ୍ତେ ଲଙ୍ଗ ଟପ୍ସ ବେଶି ଭଲ ମାନିଥାଏ। ଲମ୍ବା ବା ଲଙ୍ଗ୍ ଟପ୍ସ ଆପଣଙ୍କୁ ସ୍ଲିମ ଫିଗରର ଲୁକ ଦେଇଥାଏ।

**ହିଲ୍:** ହିଲ ଯୁକ୍ତ ଜୋତା ଯେ କେବଳ ଆପଣଙ୍କୁ ଡେଙ୍ଗା ଦିଶିବା ପାଇଁ ସାହାଯ୍ୟ କରେ, ତା' ନୁହେଁ, ଏହା ମୋଟା ଶରୀରକୁ ସ୍ଲିମ ଲୁକ ଦେବାରେ ସାହାଯ୍ୟ ମଧ୍ୟ କିରଥାଏ। ହାଇହିଲ ପିନ୍ଧିବା ଦ୍ୱାରା ଚାଲି ସ୍ମାର୍ଟ ଦିଶିବ ଓ ଆପଣ ମଧ୍ୟ ଅଧିକ ଆକର୍ଷଣୀୟ ଦିଶିବେ।

# ରୋଗପ୍ରତିରୋଧକ କ୍ଷମତା ଶକ୍ତି କବିବାର ଲକ୍ଷଣ

ଦୁନିଆରେ ଅନେକ ସୌଖୀନ ଲୋକଙ୍କ ଅଭାବ ନାହିଁ। ଏହା ବି ସତ ଯେ, ସଉକ ପୁରା କରିବାପାଇଁ ପାଖରେ ଧନ ଥିବା ଦରକାର। ସାଉଦି ଆରବରେ ରୁହନ୍ତି ରାଜକୁମାର ତୁର୍କୀ ବିନ୍ ଅବଦୁଲ୍ଲାହ। ନିଜର ସୌଖୀନ ଜୀବନଶୈଳୀ ପାଇଁ ସେ ବିଶ୍ୱ ପ୍ରସିଦ୍ଧ। କୁହାଯାଏ ରାଜକୁମାର ସବୁବେଳେ ସୁନାର ଗଡ଼ରେ ବୁଲନ୍ତି। ନିକଟରେ ତାଙ୍କର ଆଉ ଏକ ସୌଖୀନ ଆଚରଣ ଚର୍ଚ୍ଚାର ପରିସରକୁ ଆସିଛି। ରାଜକୁମାର ତାଙ୍କର ପାଳିତ ବାଜପକ୍ଷୀମାନଙ୍କୁ ଭ୍ରମଣରେ ଆଣିଛନ୍ତି। ସେ ପୁଣି ଫ୍ଲାଇଡ଼ରେ। ରାଜୁକମାର ତାଙ୍କର ପୋଷ୍ୟ ବାଜ ପକ୍ଷୀଙ୍କ ପାଇଁ ଫ୍ଲାଇଟରେ ମିଡ଼ିଲ ସଦିଟ୍ ବୁକ କରିଥିଲେ ଓ ସେମାନଙ୍କୁ ସାଥିରେ ନେଇ ବୁଲିଥିଲେ। ସାଉଦିରେ ଲୋକମାନଙ୍କୁ ତାଙ୍କର ପାଳିତ ପଶୁ ପକ୍ଷୀଙ୍କୁ ଭ୍ରମଣ ସମୟରେ ସାଙ୍ଗରେ ଆଣିବାର ଅନୁମତି ରହିଛି। ଯାତ୍ରୀମାନଙ୍କ ସହିତ ପୋଷ୍ୟ ପଶୁପକ୍ଷୀଙ୍କୁ ନେବାପାଇଁ ବିମାନ କମ୍ପାନୀ ବିରୋଧ କରିନଥାଏ। ଯେତେବେଳେ ଯାତ୍ରୀମାନେ ବିମାନରେ ଏତେ ସଂଖ୍ୟକ ବାଜପକ୍ଷୀଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଥିଲେ। ବାଜପକ୍ଷୀଙ୍କ ଫ୍ଲାଇଟ୍‌ରେ ଯାତ୍ରା କରିବା ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଘଟଣା ସମ୍ପର୍କରେ ବିମାନ କର୍ତ୍ତୃପକ୍ଷ କୁହନ୍ତି ଏଠାରେ ପଶୁପକ୍ଷୀଙ୍କୁ ଫ୍ଲାଇଟ୍‌ରେ ନେବା ଅତି ସାଧାରଣ।

# ନଖ

ପ୍ରାୟତଃ ପିଲାଠାରୁ ବଡ଼ କେହି କେହି ନଖ ରଖିବା ପାଇଁ ପସନ୍ଦ କରନ୍ତି। ବିଶେଷ କରି ଝିଅ ପିଲାମାନେ ହାତକୁ ନଖ ସୁନ୍ଦର ଦେଖାଯାଏ ବୋଲି ନଖ ରଖିବାକୁ ଭଲ ପାଆନ୍ତି। ଅଙ୍ଗୁଳିର ମୂଳ ଆଡ଼କୁ ନଖ ଥିବା କଥା ସମସ୍ତେ ଜାଣନ୍ତି। ଆଙ୍ଗୁଳିର ମାଂସରେ ଲାଗିଥିବା ନଖରୁ ନଖ ବଢ଼ିବା ଆରମ୍ଭ ହୋଇଥାଏ। ଏହି ପ୍ରକ୍ରିୟାକୁ କେରାଟାଇଜେସନ ବୋଲି କୁହାଯାଏ। କେଶ ଓ ଚମଡ଼ାରେ ଥିବା କେରୋଟିନ ପ୍ରୋଟିନ ନଖରେ ମଧ୍ୟ ଅଛି। ନଖ ମୂଳରେ ଥିବା ଜୀବକୋଷ ତିଆରି ହୋଇଥାଏ। ନୂଆ ଜୀବକୋଷ ସେହି ହାତର ନଖ ପ୍ରତି ମାସରେ ଅଢ଼େଇ ମିମି ବଢ଼ିଥାଏ ଓ ଗୋଡ଼ ନଖ ୨ ମିମି ବଢ଼ିଥାଏ। ପ୍ରକୃତରେ ହାତ ଓ ଗୋଡ଼ ଆଙ୍ଗୁଳିର ଅଗ୍ର ଭାଗକୁ ନଖ ସୁରକ୍ଷା ଦେଇଥାଏ। ଛୋଟ ଜିନିଷକୁ ଉଠାଇବାରେ ସାହାଯ୍ୟ କରିଥାଏ। କୁଣ୍ଡାଇ ହେବା ପାଇଁ ମଧ୍ୟ ଏହା ବ୍ୟବହାର କରାଯାଏ। ନିଜ ନଖର ଯତ୍ନ ସବୁଦିନ ନେବା ଉଚିତ କାରଣ ନଖରେ ବହୁତ ଅସନା ରହିଯାଏ ଯାହା ପେଟକୁ ଗଲେ ଦେହ ପାଇଁ ଖରାପ। ତେଣୁ ନଖ ତଳକୁ ସବୁବେଳେ ସଫା କରିବା ଦରକାର। ନଖ ବଢ଼ିଲେ ନିୟମିତ ଭାବରେ କାଟିବା ଦରକାର। ନଖକୁ ନଖକଟାରେ କାଟିହେବ। ନଖକୁ ଅତି ଛୋଟ କାଟିଲେନରମିଆ ନଖ ମୂଳ ଦେଖାଯାଏ ଓ ଯନ୍ତ୍ରଣା ହୋଇଥାଏ। ବେଳେବେଳେ ହାତୁଡ଼ି କିମ୍ବା କବାଟରେ ମାଡ଼ ହେଲେ ନଖ ଉପରେ ନାଲି ପଡ଼ିଯାଏ। ଧୀରେ ଧୀରେ ସେ କଳା ରଙ୍ଗର ହୋଇଯାଏ। କିଛିଦିନ ପର୍ଯ୍ୟନ୍ତ ତାହା ଯନ୍ତ୍ରଣା ହୋଇଥାଏ। ସେହି ଦାଗ ରହିଯାଏ କିଛିଦିନ ପର୍ଯ୍ୟନ୍ତ। ନଖ ବଢ଼ିବା ସମୟରେ ସେହି



ଦାଗ ଧୀରେ ଧୀରେ ଚାଲିଯାଇଥାଏ। ବେଳେବେଳେ ନୂଆ ନଖ ବହୁତ କଦାକାର ହୋଇଥାଏ କିନ୍ତୁ ପରେ ଠିକ୍ ହୋଇଯାଏ। କେବେକେବେ ନଖରେ ଛୋଟ ଧଳା ରଙ୍ଗ ଦେଖିବାକୁ ମିଳିଥାଏ। ନଖର ମୂଳ ଭିତରୁ ନଷ୍ଟ ହୋଇଯାଇ ଧଳା ଦେଖାଯାଇଥାଏ। ହେଲେ ଆଖିକୁ ଦିଶେ ନାହିଁ। ତାହା ମଧ୍ୟ ନଖର ବଢ଼ିବା ସହିତ ଭଲ ହୋଇଯାଏ ଓ ଧଳା ରଙ୍ଗ ଦେଖାଯାଏ ନାହିଁ।

ନଖ ଶୀତଦିନେ ଅପେକ୍ଷା ଗ୍ରୀଷ୍ମ ଋତୁରେ ଖୁବ ଶୀଘ୍ର ବଢ଼ିଥାଏ। ନଖର ମୂଳ ଯଦି ପୂରାପୂରି ନଷ୍ଟ ନ ହୋଇଥିବ ତାହାହେଲେ ନଖଟି ପୁଣିଥରେ ବଢ଼ିବ। ନଖର ମୂଳରେ ଦିଶୁଥିବା ଅଧା ଜହ୍ନ ପରି ଧଳାଚିହ୍ନକୁ ଲୁନୁଲା କୁହାଯାଏ। ହାତର ମଝି ଆଙ୍ଗୁଳି ନଖ ଶୀଘ୍ର ବଢ଼ିଥିବା ବେଳେ ବୁଢ଼ା ଆଙ୍ଗୁଳି ଧୀରେ ଧୀରେ ବଢ଼ିଥାଏ।

ନଖ ଖାଇବା ଆଦୌ ଭଲ କଥା ନୁହେଁ କାରଣ ସେଥିରେ ଥିବା ଜୀବାଣୁ ପେଟକୁ ଯାଇଥାଏ। ନଖରେ ଝିଅମାନେ ନେଲ ପଲିସ ଲଗାଇଥାନ୍ତି। ସେହି ରାସାୟନିକ ପଦାର୍ଥ ପିଲାଙ୍କ ଦେହକୁ ଅସୁସ୍ଥ କରିଥାଏ। ନଖକୁ ସବୁବେଳେ କାଟି ସଫା ସୁତୁରା ରଖିବା ଆବଶଷ୍ୟକ। ଡାକ୍ତରମାନେ ଲୋକଙ୍କର ଗୋଲାପି ଧଳା ନଖ ରଙ୍ଗ ଦେଖି ଜାଣିପାରନ୍ତି ଯେ ସୋମନେ ସୁସ୍ଥ ଅଛନ୍ତି।

# ଥଣ୍ଡା ପାଣି ଠାରୁ ଗରମ ପାଣି ଶୀଘ୍ର ବରଫ ପାଲଟିଯାଏ

ବୈଜ୍ଞାନିକମାନେ ଗବେଷଣା କରି କହିଛନ୍ତି ଯେ, ଗରମପାଣି ଶୀଘ୍ର ବରଫ ହୋଇଯାଏ କିନ୍ତୁ ଥଣ୍ଡା ପାଣି ଡେରିରେ ବରଫହୁଏ। ଏହିଶୀଘ୍ର ବରଫ ହେଉଥିବା ଗରମ ପାଣିକୁ ପେମ୍ବା ଇଫେକ୍ଟ ବୋଲି କୁହାଯାଏ। ୧୯୬୦ରେ ପୂର୍ବ ଆଫ୍ରିକାରେ ତାନଜାନିଆ ସହରରେ ପାଠ ପଢୁଥିବା ଜଣେ ଶିକ୍ଷାର୍ଥୀ ଦନାବି କରିଥିଲେ ଯେ ଗରମ ପାଣି ଶୀଘ୍ର ବରଫ ହୋଇଯାଉଛି। ତେବେ ବୈଜ୍ଞାନିକମାନେ ଗବେଷଣା କରି ଦେଖିଥିଲେ ଯେ ଗରମ ପାଣିରେ ଥିବା ହାଇଡ୍ରୋଜେନ ଗ୍ୟାସର ଅଣୁ ପରମାଣଉ ବନ୍ଧନ ଧୀରେ ଧୀରେ ଭାଙ୍ଗିଯାଏ ଓ ଶୀଘ୍ର ବରଫ ଜମିଯାଏ କିନ୍ତୁ ଥଣ୍ଡା ପାଣିରେ ହାଇଡ୍ରୋଜେନ ଭାଙ୍ଗିବା ପାଇଁ ସମୟ ଲାଗିଥାଏ। ସେଦଥିପାଇଁ ସେ ଶୀଘ୍ର ବରଫ ହୋଇ ନଥାଏ। ଏହା ସମ୍ପୁର୍ଣ୍ଣ ଭାବରେ ଗବେଷଣା କଲେ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।



ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୨ ସେପ୍ଟେମ୍ବର ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଜ୍ଞାନ ଓ ବିଶ୍ୱାସ..

ଗତ ମାସ ୨୩ ତାରିଖରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଉତ୍କ୍ଷେପଣ କରିଥିବା ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ସଫଳ ମୃଦୁ ଅବତରଣ କରିଥିଲା। 'ସଫ୍ଟଲ୍ୟାଣ୍ଡିଂ'ର କିଛି ଘଣ୍ଟା ପରେ ରୋଭର 'ପ୍ରଜ୍ଞାନ' ଲ୍ୟାଣ୍ଡରରୁ ବାହାରି ଧୀରେ ଧୀରେ ଚନ୍ଦ୍ରପୃଷ୍ଠରେ ଗତିଶୀଳ ହେଲା ଓ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ସହିତ ଚନ୍ଦ୍ରପୃଷ୍ଠର ଫଟୋଚିତ୍ର ଖୁବ୍ ନିକଟରୁ ଉତ୍ତୋଳନ କରି ପ୍ରେରିତ କଲା। ଏହି ସଫଳତାର ୪ ଦିନ ପରେ ଅଗଷ୍ଟ ୨୭ ତାରିଖରେ ଇସ୍ରୋର ଅଧ୍ୟକ୍ଷ ଏସ୍ ସୋମନାଥ କେରଳରୁ ଥିରୁଅନନ୍ତପୁରଠାରେ ଥିବା ଭଦ୍ରକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ମଧ୍ୟ ଜୁଲାଇ ୧୪ ତାରିଖରେ ଚନ୍ଦ୍ରଯାନ-୩, ଆନ୍ଧ୍ରର ଶ୍ରୀହରିକୋଟା ଉତ୍କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ରକୁ ପ୍ରେରିତ ହେବା ପୂର୍ବରୁ ଆନ୍ଧ୍ରର ତିରୁପତି ମନ୍ଦିରକୁ ଯାଇ ଅଭିଯାନର ସଫଳତା କାମନା କରିଥିଲେ। ସେତେବେଳେ ଏହି ଘଟଣା ସେତେଟା ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିନଥିଲା। କିନ୍ତୁ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ପରେ କେରଳର ଭଦ୍ରାକାଳୀ ମନ୍ଦିରରେ କରିଥିବା ପୂଜା ବିରୋଧୀ ଦଳ, ହେତୁବାଦୀ ଓ ପତ୍ରକାରମାନଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ଏହାପୂର୍ବରୁ ବିକ୍ରମ ଲ୍ୟାଣ୍ଡରର ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ସ୍ଥାନର ନାମକରଣ, ପ୍ରଧାନମନ୍ତ୍ରୀ 'ଶିବଶକ୍ତି' କରିବା ଦ୍ୱାରା ଦେଶରେ ମଧ୍ୟ କିଛିଟା ହଇଚଇ ସୃଷ୍ଟି ହୋଇଥିଲା।

କେରଳର ଭଦ୍ରାକାଳୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଜ୍ଞାନର ଜୟଯାତ୍ରା, ବିଜ୍ଞାନର ସଫଳତା ପଛରେ ଧାର୍ମିକ ଆସ୍ଥା, ବିଶ୍ୱାସର କି ସମ୍ପର୍କ ରହିଛି? ଉପସ୍ଥିତ ସାମ୍ବାଦିକମାନଙ୍କର ଏହି ପ୍ରଶ୍ନର ଉତ୍ତର ଡ. ଏସ୍ ସୋମନାଥ ସୁନ୍ଦର ଭାବରେ ଦେଇ କହିଥିଲେ; ବିଜ୍ଞାନକୁ ପ୍ରୟୋଗ କରି ମୁଁ ଅନ୍ତରୀକ୍ଷକୁ ଅନ୍ୱେଷଣ କରୁଛି, ଅନୁସନ୍ଧାନ କରୁଛି, ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରୁଛି, କିନ୍ତୁ ବିଶ୍ୱାସ ଓ ଆସ୍ଥା ମାଧ୍ୟମରେ ମୁଁ ଅନ୍ତରାତ୍ମାର ଅନ୍ୱେଷଣ କରୁଛି। ବିଜ୍ଞାନ 'ଆଉଟର ସ୍ପେଶ' ପାଇଁ ଉଦ୍ଦିଷ୍ଟ ହୋଇଥିବାବେଳେ ବିଶ୍ୱାସ ମୋ 'ଇନର ସ୍ପେଶ୍' ପାଇଁ ଅଭିପ୍ରେତ। ସେଥିପାଇଁ ମୁଁ କେବଳ ଆଜି ନୁହେଁ, ଅନେକ ସମୟରେ ବିଭିନ୍ନ ଦେବାଦେବୀ ମନ୍ଦିରକୁ ଯାଇ ସେଠି ପୂଜାର୍ଚ୍ଚନା କରେ। ପୂର୍ବତନ ଇସ୍ରୋ ଅଧ୍ୟକ୍ଷ ଜି. ମାଧବନ୍ ନାୟାର (୨୦୦୩-୦୯) ମଧ୍ୟ ସୋମନାଥଙ୍କ ଏହି କଥାକୁ ସ୍ୱୀକାର କରିଛନ୍ତି। ସେ କୁହନ୍ତି ବିଜ୍ଞାନ ଓ ବିଶ୍ୱାସର ସ୍ରୋତ ଭିନ୍ନମୁଖୀ ହୋଇପାରେ, କିନ୍ତୁ ଉତ୍ସ ଏକ ହେବା ବିଚିତ୍ର ନୁହେଁ। ଏଠି ଆମ ରାଜ୍ୟ ଓଡ଼ିଶା ସହିତ ସମ୍ପର୍କିତ ଅନ୍ୟ ଦୁଇଟି ବିପରୀତଧର୍ମୀ ଚିନ୍ତାଧାରା ମୁଁ ଉଲ୍ଲେଖ କରିବାକୁ ଚାହୁଁଛି। ଅନେକ ନିଶ୍ଚୟ ଆମ ରାଜ୍ୟ କନ୍ଧମାଳ ଜିଲ୍ଲାର ମୁଣ୍ଡ ଯୋଡ଼ି ହୋଇ ଜନ୍ମିଥିବା ଯାଆଁଳା ପିଲା 'ଜଗା-ବଳିଆ'ଙ୍କ କଥା ଶୁଣିଥିବେ। ପ୍ରଥମ ପର୍ଯ୍ୟାୟରେ ୨୦୧୭ ଅଗଷ୍ଟ ମାସରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ)ରେ ଏକ ଅସ୍ତ୍ରୋପଚାର କରାଯାଇଥିଲା। ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟରେ ଅକ୍ଟୋବର ମାସରେ ନ୍ୟୁରୋ ସର୍ଜନମାନଙ୍କ ଦ୍ୱାରା ସେମାନଙ୍କର ମୁଣ୍ଡ ଦୁଇଟି ଅଲଗା କରାଗଲା। ଏମ୍ସର ତତ୍କାଳୀନ ନିର୍ଦ୍ଦେଶକ ଓଡ଼ିଶାର ଡାକ୍ତର ଅଶୋକ କୁମାର ମହାପାତ୍ର ଅସ୍ତ୍ରୋପଚାର ଗୃହରୁ ବାହାରିବା ପରେ ସାମ୍ବାଦିକମାନେ ତାଙ୍କୁ ଘେରି ଯାଇଥିଲେ। ଡାକ୍ତର ମହାପାତ୍ର କହିଥିଲେ, ଏହା ଏକ ବିରଳ ଓ ଅସାଧାରଣ ଅସ୍ତ୍ରୋପଚାର ଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି। ଏଣିକି ପ୍ରଭୁ ଜଗନ୍ନାଥଙ୍କ ଇଚ୍ଛା। ଏହା କହି ପ୍ରଭୁଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଥିଲେ। ବିଜ୍ଞାନ ଓ ବିଶ୍ୱାସର ସୁସମନ୍ୱୟ। ଦ୍ୱିତୀୟ ଘଟଣାଟି ଭୁବନେଶ୍ୱରର ଏକ ଟିଭି ଷ୍ଟୁଡିଓରେ କିଛିବର୍ଷ ତଳର ଆଲୋଚନା। ଟିଭି ପ୍ରଶ୍ନୋତ୍ତର ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ହେତୁବାଦୀଙ୍କୁ ସେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି କି ନାହିଁ ପଚାରିବାରୁ ଉତ୍ତର ଦେବାକୁ ଯାଇ ଏକ ଉଦାହରଣ ଦେଇ କହିଥିଲେ- 'ମୋ ସ୍ତ୍ରୀ ଏକ ଦୁରାରୋଗ ବ୍ୟାଧିରେ ପୀଡ଼ିତ ହୋଇ ଗୋଟିଏ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଦିନ ତାଙ୍କର ଅସ୍ତ୍ରୋପଚାର ହେବାର ଥାଏ। ଅସ୍ତ୍ରୋପଚାର ସରିଗଲା ପରେ ଡାକ୍ତର ଅସ୍ତ୍ରୋପଚାର ଗୃହରୁ ବାହାକୁ ଆସିଲେ। ମୁଁ ତାଙ୍କୁ ପଚାରିଲି, ଡାକ୍ତର ମୋ ସ୍ତ୍ରୀ କିପରି ଅଛନ୍ତି? ଡାକ୍ତର ଉତ୍ତର ଦେଲେ ଅସ୍ତ୍ରୋପଚାର ଠିକ୍ ଠାକ୍ ହୋଇଛି। ଏଣିକି ଯାହା ଭଗବାନଙ୍କର ବରାଦ ଥିବ! ମୁଁ ବିଗିଡ଼ିଯାଇ କହିଲି, ଯଦି ସବୁ କିଛି ଭଗବାନଙ୍କ ଉପରେ ନିର୍ଭର କରୁଛି, ତେବେ ମୁଁ ତ ସେଠି ଦଶଟଙ୍କାର ଦୀପଟିଏ ଜାଳି ଦେଇଥା'ନ୍ତି ବା କିଛି ଭୋଗରାଗ କରିଥା'ନ୍ତି। ଏଠି ସାତ, ଆଠ ଲକ୍ଷ ଖର୍ଚ୍ଚ କଲି କାହିଁକି? ବିଜ୍ଞାନ ଓ ବିଶ୍ୱାସ ମଧ୍ୟରେ ପ୍ରଭେଦ ଦେଖାଇବା ପାଇଁ ଅନ୍ୟ ଏକ ଯୁକ୍ତି। ମନରେ ସ୍ୱାଭାବିକ ପ୍ରଶ୍ନ ଉଠିଥାଏ- ବିଜ୍ଞାନ ଓ ବିଶ୍ୱାସ କ'ଣ ଦୁଇଟି ବିପରୀତଧର୍ମୀ ମତବାଦ? ଅନେକ ଅନେକ ବର୍ଷ ପୂର୍ବରୁ କେବଳ ଦେଖିଲେ ବିଶ୍ୱାସ କରିହେବ- ଏହି ତଥ୍ୟ ବା ଉକ୍ତି ଉପରେ ସେବେକାର ବୈଜ୍ଞାନିକ ଅନୁସନ୍ଧାନ ଆଧାରିତ ଥିଲା। ଏହି କାରଣରୁ ଗଣିତ ବିଶାରଦ ଟଲେମି ଯେତେବେଳେ ବ୍ରହ୍ମାଣ୍ଡ ସମ୍ପର୍କରେ ତାଙ୍କର ଭୂ-କୈନ୍ଦ୍ରିକ ମତବାଦ ବ୍ୟକ୍ତ କରି କହିଲେ, ପୃଥିବୀ ସ୍ଥିର ଅଛି ଏବଂ ଏହା ବିଶ୍ୱ ବ୍ରହ୍ମାଣ୍ଡର କେନ୍ଦ୍ରସ୍ଥଳରେ ଅବସ୍ଥିତ।

## ଦଶ ପଇସାର ରାଜା - ଦାଶିଆ ଅଜା



### ବିପିନ ବିହାରୀ ରାଉତ

ଦାଶରଥି ପଟ୍ଟନାୟକଙ୍କ କଥା ମନେପଡ଼ିଲେ ସହସା ଆଖିସାମନାକୁ ଆସେ ସେଇ ହସ ହସ ଉଜ୍ଜ୍ୱଳ ମୁହଁ, ଅଣ୍ଟାରେ ଧୋତି, ମୁଣ୍ଡରେ ଖୋର୍ଦ୍ଧା ଗାମୁଛାର ଠେକା, କାଖରେ ବହି, କାନ୍ଧରେ ଗୋଟିଏ ଖଦଡ଼ ବ୍ୟାଗ, ଡାହାଣ ହାତରେ ବାଡ଼ି ତଥା ବାମ ହାତରେ କଲମ ଓ ଜବକାଚ । ଏ ସାଧାରଣ ପରିପାଟୀ ତଳେ ଲୁଚି ରହୁଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ଏ ହେଉଛି ଓଡ଼ିଆ ପାଠାଗାର ଆନ୍ଦୋଳନର ପିତାମହ ଦାଶିଆ ଅଜାଙ୍କ ପରିଚିତ ପରିପାଟୀ । ଏଇ ପରିପାଟୀରେ ରାଜ୍ୟସାରା ପରିକ୍ରମା କରୁଥିଲେ ଦାଶିଆ ଅଜା । ପରିଣତ ବୟସରେ ନିଜର ଅକ୍ଳାନ୍ତ ପରିଶ୍ରମ ବଳରେ ସେ ସଂସ୍କୃତିର ଯେଉଁ ମହାଦ୍ରୁମ ତିଆରି କରିଥିଲେ ତାହା ଏବେ ପତ୍ରଝଡ଼ା ଦେଲାଣି । ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରରେ ତାଙ୍କ ପ୍ରତିଷ୍ଠିତ ବାଞ୍ଛାନିଧି ପାଠାଗାର, ଅରବିନ୍ଦ ସଂଗ୍ରାହାଳୟ ଓ ଯଦୁମଣି ସାହିତ୍ୟ ସଂସଦ ତାଙ୍କ ଅନ୍ତେ ଦିନକୁ ଦିନ ନିଜର ଔଜଲ୍ୟ ହରାଉଛି । ପରିଦର୍ଶକ ଓ ଆଗ୍ରହୀ ବ୍ୟକ୍ତିଙ୍କ ଠାରୁ ମାତ୍ର ୧୦ ପଇସା ଲେଖାଏଁ ଅନୁଦାନ ଗ୍ରହଣ କରି ନିପଟ ମଫସଲ ଗାଁ ରେ ସେ ଯେଉଁ ସାଂସ୍କୃତିକ ଆନ୍ଦୋଳନ ଠିକା କରାଇଥିଲେ ତାହାର ସ୍ମୃତିଚାରଣ ପାଇଁ କାହା ପାଖରେ ସମୟ ନାହିଁ । ସବୁଠୁ ଦୁଃଖର କଥା ହେଉଛି, ଜିଲ୍ଲା ବାହାର କଥା ଦୂରେ ଥାଉ ନୟାଗଡ଼ରେ ବି ନୂଆ ପିଢ଼ି ଦାଶିଆ ଅଜାଙ୍କ ତ୍ୟାଗ ଓ ଅବଦାନ ବିଷୟରେ ଅଜ୍ଞ ।

୫୭ ନମ୍ବର ଜାତୀୟ ରାଜପଥରେ ନୟାଗଡ଼ ଦଶପଲ୍ଲା ରାସ୍ତାରେ ନୂଆଗାଁ ଠାରୁ ୪ କିଲୋମିଟର ଭିତରକୁ ପଡ଼େ ଉଦୟପୁର । ଏହିଠାରେ ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ଜନ୍ମ ନେଇଥିଲେ ଦାଶରଥି ପଟ୍ଟନାୟକ । ତେବେ ସାରା ରାଜ୍ୟର ସାହିତ୍ୟ, ସଂସ୍କୃତି ଓ ବୁଦ୍ଧିଜୀବୀ ମହଲରେ ସେ ଦାଶିଆ ଅଜା ନାମରେ ହିଁ ଅଧିକ ପରିଚିତ ଥିଲେ । ଜୀବନଜଞ୍ଜାଳକୁ ଜଳାଞ୍ଜଳି ଦେଇ ପରିଣତ ବୟସରେ ସେ ଆରମ୍ଭ କଲେ ଜଣେ ସଂଗ୍ରାହକର ଜୀବନ । ବୁଲି ବୁଲି ସଂଗ୍ରହ କଲେ ରାଶି ରାଶି ବହି ଆଉ ବିରଳ ପଦାର୍ଥ । ଓଡ଼ିଆ ସାଂସ୍କୃତିକ ଇତିହାସରେ ଯୋଡ଼ିଲେ ନୂଆ ଏକ ଫର୍ଦ୍ଦ । ତାଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ବଳରେ ବିଭିନ୍ନ ଭାଷାର ୫୦ ହଜାରରୁ ଅଧିକ ପୁସ୍ତକ ସମୂହକୁ ନେଇ ପ୍ରତିଷ୍ଠା ପାଇଲା ବାଞ୍ଛାନିଧି ପାଠାଗାର । ଏଠାରେ ରହିଛି ୩୦ରୁ ଅଧିକ ଭାଷାର ବିରଳ ଭାଷାକୋଷ । ସେହିପରି ସେ ସଂଗ୍ରହ କରିଛନ୍ତି ପ୍ରାୟ ୬୫ ହଜାରରୁ ଅଧିକ ପତ୍ରପତ୍ରିକା । ତେବେ ଶହ ଶହ ବର୍ଷର ପୁରୁଣା ତାଳପତ୍ର ପୋଥୀ ତାଙ୍କର ସଂଗ୍ରହର ଅନ୍ୟତମ ଫଳଶ୍ରୁତି । ପାଠାଗାରଟିର ଉତ୍ତମ ପ୍ରଚାର ପ୍ରସାର ହୋଇପାରିଲେ ଏହା ଗବେଷକ ଓ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ବେଶ କାମରେ ଲାଗନ୍ତା । ୪୨ଟି ଭିନ୍ନ ଭିନ୍ନ ବିଭାଗରେ ଦାଶିଆ ଅଜା ପ୍ରତିଷ୍ଠା କରିଥିଲେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ । ପୁରୁଣା ନଥି, ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କ ବ୍ୟବହୃତ ସାମଗ୍ରୀ ଏବଂ ବିରଳ ଚିଠି ସମେତ ବହୁ ବିଚିତ୍ର ଓ ଆଗ୍ରହର ସାମଗ୍ରୀରେ ପରିପୂର୍ଣ୍ଣ ତାଙ୍କର ସଂଗ୍ରହାଳୟ । ସଂଗ୍ରହାଳୟର ବିରଳ ମୃତ୍ତିକା ବିଭାଗରେ ରହିଛି ୨ୟ ବିଶ୍ୱଯୁଦ୍ଧ ପରେ ବିଧ୍ୱଂସ ହିରୋସୀମାର ପୋଡ଼ା ମାଟି, ବର୍ଲିନ ପ୍ରାଚୀରର ଅଂଶବିଶେଷ, ଚନ୍ଦ୍ରପୃଷ୍ଠର ମୃତ୍ତିକା, ଡାଇନୋସରର ଫସିଲ ଇତ୍ୟାଦି । ସେହିପରି କଳା ଗ୍ୟାଲେରୀରରେ ବହୁ ପୁରାତନ ପଟ୍ଟଚିତ୍ର, ଆଧୁନିକ ଚିତ୍ରକଳା ଏବଂ ବିରଳ ସ୍ଥାପତ୍ୟ ମାନ ସ୍ଥାନ ପାଇଛି । ଯୁଦ୍ଧ ସଂରଜାମ ବିଭାଗରେ ତୋପ, ବନ୍ଧୁକ, ଖଣ୍ଡା ଆଦି ବହୁ ପୁରାତନ ସାମଗ୍ରୀ ରହିଛି । ଜଣେ ଅତି ମାମୁଲି ମଣିଷଟିଏ ହୋଇ ରାଜ୍ୟ ତମାମ ବୁଲି ବୁଲି ମାଗିଯାଚି ଏପରି ବିରଳ ସଂଗ୍ରାହାଳୟ କରିବା ସମଗ୍ର ଭାରତରେ ନିଶ୍ଚିନ୍ତ ଭାବରେ ବିରଳ। ଆମ ମାନଙ୍କ ହାତପାହାନ୍ତାରେ ମୂଲ୍ୟହୀନ ଲାଗୁଥିବା ସଂଗ୍ରହଣୀୟ ପୁସ୍ତକ, ପୋଥିପରି ବିରଳ ଜ୍ଞାନଭିତ୍ତିକ ଯେଉଁ ମଣିର ସନ୍ଧାନ କରି ଯୁଗ ଯୁଗ ପାଇଁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଯଶସ୍ୱୀ ହୋଇପାରିଛନ୍ତି ସେହି ତ୍ୟାଗପୂତ ନିରଳସ କର୍ମଯୋଦ୍ଧାଙ୍କ ପ୍ରତି ଆଜି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

+ଶ୍ରୀବିହାର କଲୋନୀ, କଟକ,
ମୋ : ୯୪୩୭୬୬୬୪୫୩

## ପିତାମାତା - ଚଳନ୍ତି ଦେବତା

### ଯଶସ୍ୱିନୀ ପଟ୍ଟନାୟକ

ଭାରତୀୟ ସଂସ୍କୃତିରେ ଏକ ମୂଲ୍ୟବାନ ଉପଦେଶ ରହିଆସିଛି, ତାହାହେଲା ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ। ଜ୍ୟେଷ୍ଠ ମାନଙ୍କୁ, ଶ୍ରେଷ୍ଠମାନଙ୍କୁ ନମସ୍କାର। ଯେତେବେଳେ ଯୌଥ ପରିବାରର ସଂସ୍କୃତି ପ୍ରଚଳିତ ଥିଲା ସେତେବେଳେ ଜ୍ୟେଷ୍ଠ ମାନଙ୍କୁ ଜ୍ଞାନ, ଅଭିଜ୍ଞତା ଓ ପ୍ରଜ୍ଞାର ଭଣ୍ଡାର ବୋଲି କନିଷ୍ଠମାନେ ବିଚାର କରୁଥିଲେ। ବାପା, ମାଆ ବଞ୍ଚିଥିବା ବେଳେ ପୁଅମାନେ ଯେତେ ବୟସ୍କ ହୁଅନ୍ତୁ ନା କାହିଁକି ସବୁବେଳେ ଭାବୁଥିଲେ ଯେ ସେମାନେ ତରୁଣ ଓ ସ୍ୱପ୍ନଶୀଳ। କୌଣସି କଥାରେ ସେମାନଙ୍କର ଖାତିର ନଥାଏ କି ଭୟ ନଥାଏ। କାରଣ ତାଙ୍କ ଉପରେ ଛତା ଭଳି ବାପା, ମାଆ ଜଗିଛନ୍ତି। ଗୋଟିଏ ଗୋଟିଏ ଯୌଥ ପରିବାରରେ ଏକାଥରକେ ତିନି/ଚାରି ପୁରୁଷ ଲୋକ ଗୋଟିଏ ଜାଗାରେ ରହୁଥିଲେ। ଯେହେତୁ ବାପା, ମାଆ ଘରେ ଅଛନ୍ତି ତେଣୁ ସେମାନେ ଘର ପ୍ରତି ସେତେ ଯତ୍ନଶୀଳ ହେଉନଥିଲେ। କାଳକ୍ରମେ ଯୌଥ ପରିବାର ଭାଙ୍ଗିବାକୁ ଲାଗିଲା। ଭଉଣୀମାନେ ବାହାହୋଇ ଚାଲିଗଲେ, ଭାଇମାନେ ବିବାହ ହେଲା ପରେ ଭିନ୍ନ ଭିନ୍ନ ହୋଇ ନିଜ ନିଜ ସଂସାର ତୋଳିଲେ। ପ୍ରଶ୍ନ ଉଠିଲା ତେବେ ବାପା, ମାଆ ରହିବେ କେଉଁଠି? ତେଣୁ ପାଳିକରି ବାପା, ମାଆଙ୍କୁ ଭାଇମାନେ ରଖିବା ଆରମ୍ଭ କଲେ। ପରିବାର ଆହୁରି ଛୋଟ ହୋଇ ଅଣପରିବାରରେ ପରିଣତ ହେଲା। ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ ବା ପୁଅଟି ଆଉ ଝିଅଟିଏ। ତେଣୁ ବୃଦ୍ଧ ପିତା ମାତାଙ୍କ ସମସ୍ୟା ଆହୁରି ବଢ଼ିଲା। ଯେଉଁ ବାପା ଦିନେ ରୋଜଗାରର ମୁଖ୍ୟ ଥିଲେ, ଘରର ମୁଖିଆ ଥିଲେ ବାର୍ଦ୍ଧକ୍ୟଜନିତ କାରଣରୁ ସେହି ସ୍ଥାନରୁ ସେ ଖସି ଆସି ପୁଅ ଉପରେ ସବୁ କଥାରେ ନିର୍ଭରଶୀଳ ହେଲେ। କ୍ୱଚିତ୍ ପରିବାରରେ ପୁଅର ନିଷ୍ପତ୍ତି କ୍ରମେ ଘରେ ଚାଲେ। ଅନ୍ୟ କ୍ଷେତ୍ରରେ ସ୍ତ୍ରୀମାନେ ହିଁ ରୋଜଗାର ଥାଉକି ନଥାଉ, ଘରର ମଙ୍ଗୁଆଳ ସାଜିଲେ। ତାଙ୍କ କଥାକୁ ସ୍ୱାମୀ ଯଦି ସାମାନ୍ୟତମ ବ୍ୟତିକ୍ରମ ଘଟାନ୍ତି ତେବେ କଥା ସରିଗଲା। ଅଶାନ୍ତିର ବହ୍ନିରେ ଘର ଜଳିଉଠେ। ପରିଶେଷରେ ରାଗ ସୁଝାଯାଏ ବୃଦ୍ଧ



ବାପା, ମାଆଙ୍କ ଉପରେ ଖାଦ୍ୟପେୟ, ବାର୍ଦ୍ଧକ୍ୟଜନିତ ରୋଗର ଉପଶମରେ ଅବହେଳା, କଟୁକ୍ତି, କଟାକ୍ଷ ସମେତ ଶାରୀରିକ ନିର୍ଯାତନା ଆଦି କୌଶଳ ଅବଲମ୍ବନକରି ସେମାନଙ୍କୁ ଅପେକ୍ଷା କରାଯାଏ। ଯେଉଁ ଘର ନିଜ ଅର୍ଥବଳ ଓ ବାହୁବଳରେ ବାପା, ମାଆ ତିଆରି କରିଥିଲେ, ପ୍ରଚୁର ଅର୍ଥ ବ୍ୟୟ କରି ପିଲାମାନଙ୍କୁ ବହୁ ଯତ୍ନ ସହକାରେ ପାଠ ପଢ଼ାଇ ମଣିଷ କରାଇଥିଲେ ସେହି ଘରେ ସେମାନେ ଅଲୋଡ଼ା ହୋଇପଡ଼ନ୍ତି। ଅଧିକାଂଶ ସ୍ଥାନରେ ଏସବୁ ଦେଖି ସହି ନପାରୁଥିବା ପୁଅଟି ଚୁପ୍ ହୋଇ ରହିବାକୁ ବାଧ ହୁଏ। ଯେଉଁ ଦାଣ୍ଡ ଦୁଆରେ ବାପା ଘର ଜଗିବା ପାଇଁ କୁକୁର ବାନ୍ଧୁଥିଲେ ସେହି ଦୁଆରେ ଆରାମ ଚୌକି ଖଣ୍ଡିଏ ପକେଇଦେଇ ବାପାଙ୍କୁ ବସେଇ ଦିଆଯାଏ। ବାପା ଦିଶନ୍ତି ସତେ ଯେପରି ଏକ ପ୍ରଶ୍ନବାଚୀ ଚିହ୍ନ ପରି।

କଥାବର୍ତ୍ତା ଖୁବ୍ କମ୍, ମନରେ ଅସୁମାରୀ ସ୍ମୃତିଚାରଣ, ସଫଳତା ଓ ବିଫଳତାର ହିସାବ ଆଉ ମୃତ୍ୟୁକୁ ଅପେକ୍ଷା। ଘରେ ମା'ବୁଢ଼ୀ ସତେକି ଗୋଟିଏ ସୋଫା ସେଟ, ଗୋଟେ ଫ୍ରିଜ୍, ଗୋଟେ ପୁରୁଣା ଡ୍ବଲ ବା କୌଣସି ଅବ୍ୟବହୃତ ଆସବାବ ପରି ଘରର ଗୋଟିଏ କଣରେ ପଡ଼ି ରହିଥାନ୍ତି। ତେଣୁ ବାର୍ଦ୍ଧକ୍ୟ ଏକ ଅଭିଶାପ ନା ଏକ ଆଶୀର୍ବାଦ? ଏ ପ୍ରଶ୍ନ ଅନେକଙ୍କୁ ଅନେକ ସମୟରେ ଘାରିଥାଏ। କିନ୍ତୁ ବାର୍ଦ୍ଧକ୍ୟ ଯେ ଅନିବାର୍ଯ୍ୟ ତାହାକୁ ଆମେ ସ୍ୱୀକାର କରିବାକୁ ପଡ଼ିବ। ଖାଲି ବାର୍ଦ୍ଧକ୍ୟ ନୁହେଁ, ବାର୍ଦ୍ଧକ୍ୟ ସହିତ ନିର୍ଜନତା, ରୋଗ ବୈରାଗ୍ୟ, ସାମାଜିକ ବିଚ୍ଛିନ୍ନତା, ଅନ୍ୟାଶ୍ରିତ ଅବସ୍ଥା ଓ ସର୍ବୋପରି ସ୍ମୃତି ଦହନର ଜ୍ୱାଳା, ପାରିବାରିକ ଅବହେଳା ଆଦି ସହିବାକୁ ପଡ଼ିବ।

ଯଦି ସନ୍ତାନମାନେ ନିଜକୁ କିଛି ପ୍ରଶ୍ନ ପଚାରନ୍ତେ, ତେବେ ଏ ସମସ୍ୟା ଅନେକାଂଶରେ ସମାଧିକ ନହେଲେ ମଧ୍ୟ ବୃଦ୍ଧ ପିତାମାତାଙ୍କୁ ସାନ୍ତ୍ୱନା ଦେବାରେ ସହାୟକ ହୁଅନ୍ତା। - ତାହା ହେଲା ଆମେ କାହିଁକି ଭୁଲିଯାଉଛୁ ଯେ ଆମେ ଯଦି ଏ ସଂସାରରେ ଏପରି ବଞ୍ଚିଛୁ ତାହାରି ମୂଳରେ ଆମ ପିତାମାତା। କାହିଁକି ଆମେ ଭୁଲିଯାଉଛୁ ଆମେ ଯଦି ଆଜି ଉଚ୍ଚଶିକ୍ଷିତ ହେଇଛୁ ତାହାରି ପଛରେ କେବଳ ବାପ ମାଆ। କାହିଁକି ଆମେ ଭୁଲିଯାଉଛୁ ସେ ଆମର ସମସ୍ତ ରୋଗ ବୈରାଗ୍ୟରୁ ଆମକୁ ମୁକ୍ତ କରି ଏ ସଂସାରରେ ବଞ୍ଚାଇଛନ୍ତି ସେମାନେ ହେଲେ ଆମର ବାପାମାଆ। ଆମକୁ ଯଦି ପ୍ରଥମେ ହାତ ଧରି କିଏ ଚାଲି ଶିଖେଇଛନ୍ତି, ପାଟିରେ ଦା।ନା।ଦେବା। ଶିଖେଇଛନ୍ତି ସିଏ ହେଲେ ଆମ ବାପା ମାଆ। ପିଲା ଥିଲାବେଳେ ସିନା ଜାଣିପାରୁ ନଥିଲୁ, କିନ୍ତୁ ଏବେ ଯେତେବେଳେ ସମୟ ଆସିଛି, ଜାଣି ପାରୁଛୁ ସେତେବେଳେ ସେମାନଙ୍କ ଠାରୁ ପାଇଥିବା ନିସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ଆଦର ଓ ଯତ୍ନକୁ ଫେରାଇବା ତ ସମ୍ଭବପର ନୁହେଁ, ତାହାର ପ୍ରତିବଦଳରେ କିଞ୍ଚିତ ଯଦି ଫେରାଇପାରନ୍ତେ ତାହା ସେମାନଙ୍କ ପାଇଁ ବହୁ ଆଶ୍ୱାସନାର କଥା ହୋଇପାରନ୍ତା। କିନ୍ତୁ ଏ କଥା ସେମାନଙ୍କୁ ମାନିବାକୁ ପଡ଼ିବ ଯେ ପିଲାମାନେ ପଚାରନ୍ତୁ ବା ନପଚାରନ୍ତୁ ବାପା ମାଆଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେମାନେ ସନ୍ତାନମାନଙ୍କୁ ମଙ୍ଗଳ ହିଁ ମଙ୍ଗଳ କାମନା କରନ୍ତି। ତେଣୁ ବୃଦ୍ଧ ପିତା ମାତାଙ୍କୁ ବୋଝ ବୋଲି ବିଚାର ନକରି ଜୀବନରେ ଆଶାର ଝଲକ ବୋଲି ଭାବିଲେ ଉଭୟ ପକ୍ଷର ମଙ୍ଗଳ ହୁଅନ୍ତା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଆଜି ଅଧିକାଂଶ ସ୍ଥଳରେ ତାହା ଘଟୁନାହିଁ। ଏକ ତଥ୍ୟ ଅନୁସାରେ ଭାରତରେ ୧୦ଟି ବୃଦ୍ଧ ଦମ୍ପତ୍ତିଙ୍କ ମଧ୍ୟରୁ ୬ଟି ଦମ୍ପତ୍ତି ଗୃହ ଛାଡ଼ି ପଳାଇଯିବା ପାଇଁ ପିଲାମାନଙ୍କ ଦ୍ୱାରା ବାଧ ହୋଇଥାନ୍ତି। କେଉଁଠି ରହିବାକୁ ସ୍ଥାନ ନପାଇ ସବୁ ଆଶା ହରାଇ ଶେଷରେ ସେମାନେ ଜରାଶ୍ରମରେ ରହିବାକୁ ବାଧ ହୁଅନ୍ତି, ଯେଉଁଠି ସେମାନେ ତାଙ୍କର ଯୌବନାସ୍ଥାରେ ପାଇଥିବା ସମସ୍ତ ପାରିବାରିକ ସୁଖ ଓ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ନାତି-ନାତୁଣୀ, ପୁଅ-ବୋହୂ ଓ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଠାରୁ ଯେତେବେଳେ ସେମାନେ ସ୍ନେହ, ଶ୍ରଦ୍ଧା ଓ ଯତ୍ନ ଆବଶ୍ୟକ କରିଥାନ୍ତି ସେତେବେଳେ ସେମାନେ ଜରାଶ୍ରମରୁ ସେଥିରୁ ବଞ୍ଚିତ ହୋଇ ଏକ ନିଃସଙ୍ଗ ପ୍ରାଣୀ ପରି ଜୀବନ ବିତାଇବାକୁ ବାଧ ହୁଅନ୍ତି। ସବୁକିଛି ଥାଇ ସୁଦ୍ଧା ସବୁଥିରୁ ବଞ୍ଚିତ ହେବା ଅବସ୍ଥା ସେମାନଙ୍କୁ ଏକ ଦୁଃସ୍ୱପ୍ନ ପରି ଲାଗେ। ସେମାନଙ୍କ ପାଇଁ ଅତୀତ ଯେ ମରେନା, ଦହନ ଯେ ସରେନା। ଏବେ ଭାରତରେ ୮କୋଟି ୧ ଲକ୍ଷ ବୃଦ୍ଧ ଦମ୍ପତ୍ତି ବସବାସ କରୁଛନ୍ତି। ସେଥିରୁ ଶତକଡ଼ା ୪୦ ଭାଗ ବରିଷ୍ଠ ନାଗରିକ ପରିବାର ଭିତରେ ରହି ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ଯଦିଓ ସରକାର ଏଥିନିମନ୍ତେ ବରିଷ୍ଠ ନାଗରିକମାନଙ୍କର ସେବା ଓ ସୁରକ୍ଷା ନାମକ ଏକ ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିଛନ୍ତି ତଥାପି ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ଏ ସମସ୍ୟା ଯେ ଆଗକୁ ଆହୁରି ବଢ଼ିବ ଏକଥା ଚିନ୍ତା କରିବା ବେଳକୁ ମନ ଭିତରେ ଗଭୀର ଉଦ୍‌ବେଳନ ସୃଷ୍ଟି ହେଉଛି। ପିଲାମାନେ ଭାବିବା କଥା ଯେ ସେମାନେ ବି ଦିନେ ଏଭଳି ସ୍ଥିତିରେ ଉପନୀତ ହେବେ। ସେତେବେଳକୁ...?

+ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ




### ମାନସୀ

**ଦିନେଶ ମେହେର**

ଆଖିରୁ ଝରି ଚାଲିଥିବା
ବୁନ୍ଦା ବୁନ୍ଦା ଉଷୁମ ଲୁହ ସବୁ
ଏବେ ଶୀତେଇ ଉଠିଲାଣି,
ଶୁଖି ଗଲାଣି ଆଖି ଭିତରର ଓଦାପଣ
ଆଉ ଝରେଇବାକୁ ଯେ
ନାହିଁ ଲୁହ କି,
ନାହିଁ ସେ ଆବେଗ!
ହେଇତ, ସଂଜ ହେବାକୁ
ଆଉ ଘଡ଼ିଏ ମାତ୍ର;
ଏବେ ମହକି ଉଠିବ
କାହା ଅଗଣାରେ କର୍ପୁରର ବାସ୍ନା
ଜଳି ଉଠିବ ସଞ୍ଜବତି,
କେଉଁ ଲାବଣ୍ୟବତୀକୁ ନେଇ
ଦେଖିଥିବା କାହାର ସ୍ୱପ୍ନ
ଦେଖୁ ଦେଖୁ ପୂରା ହେଇ ଯିବ।
ତମକୁ ନେଇ ଦେଖିଥିବା
ସ୍ୱପ୍ନ ସବୁ ବି
ଏବେ ବାସ୍ତବତା ଚାହେଁ,
ତମର ଗୋଟେ ସ୍ୱର୍ଶ ହଉ
ଅବା ମୋର ସବୁ କାମନା,
ଯେଉଁଠି ଆଗତ ଭବିଷ୍ୟତ
ତୁମ ହାତ ପାପୁଲି ଭିତରେ
ଲିପିବଦ୍ଧ ହେଇଛି!
ତମେ ଥରେ ଭାବିଲ
କାହାର ଥଟ୍ଟା ପରିହାସ,
ଅବା କାହାରି ମିଛ ଗେଲ ଯେ
ଜଣଙ୍କର ଜୀବନ ସାଜି ଯାଏ
କେବେ କଣ କହି ହୁଏ କି?
ନା ଭାବି ହୁଏ
ବାସ୍ତବ ଜୀବନର ଅଭିନୟ ସବୁ!
ଅଭିନୟ!
ଠିକ୍ ଶୁଣିଛ
ମୁଁ ଆଜି ଏଇ ରଙ୍ଗ ମଞ୍ଚରେ
ଅଭିନୟ କରି ଚାଲିଛି,
ଏଯାଏଁ ବି କରୁଛି
କେଜାଣି ଆଗକୁ ବି କରୁଥିବି!
ହେଲେ ତମେ ଥରେ କହିଲ
ଏଇ ଅଭିନୟର ଶେଷ ଦୃଶ୍ୟ
କଣ ହେଇପାରେ?
ତମେ କଣ ଆସି ଯାଇପାର
ମୁଁ ପଲକ ମୁଦିଲା ବେଳରେ,
ନା ଗଭୀର ନିଦ୍ରାରେ
ଶୋଇଥିଲା ବେଳେ
ଗୋଟେ ଛୁଆଁରେ
ବିଭୋର କରିନେଇ
ମରୀଚିକାଟେ ଭଳି
ଅନ୍ତର୍ଦ୍ଧାନ ହେଇ ଯାଇପାର!
ଆଜି କିନ୍ତୁ ତମେ ମରୀଚିକାଟିଏ,
ବେଳକୁ ବେଳ ଉଭେଇ ଯାଅ
କେଉଁ ଏକ ନିର୍ଜନ ସ୍ୱପ୍ନ ସହରେ,
ଯେଉଁଠି ବିଜନତା,
ବିରହ ଭସେଇ ଦିଏ
ଆଖିରୁ ଝରୁଥିବା ଅହରହ
ଲୁହ ଧାର ଭିତରେ!

+ପଳାସ, କଳାହାଣ୍ଡି

### ଶ୍ରାବଣ ଯାଇଛି ତୁମରି ଗାଆଁକୁ

**ରାହାସ କୁମାର ବେହେରା**

ଏଇ ଶ୍ରାବଣଟା ଜମା ଭଲ ନୁହେଁ
ଭାରି ଲୋଭ ତୁମ ରୂପ ମାଧୁରୀ
ଶିଖେଇ ମତେଇ ନିଜ ପାଖେ ଡାକି
ଭିଜେଇବ ଦେହ ପ୍ରିୟା ମୋହରି ।

ଜଡେଇ ଧରିବ ମାରି ଫୁଲ ଶର
ଗଢ଼ିବ ସମ୍ପର୍କେ ସ୍ମୃତି ମିନାର
ବିଜୁଳି ଆଲୋକେ ରଚି ନାନା ଫନ୍ଦି
ଭାଙ୍ଗିବ ଆମର ସୁନା ସଂସାର ।

ପାଦର ପାଉଁଜି ସୁ- ମଧୁର ସୁରେ
ଡାକିବ ବରଷା ନାଚିବ ସାଥେ
ଚୁମିବ ତା' ଓଠେ ମିଶାଇ ନୟନ
ଚାଲିଯିବ ଛାଡି ନିଃସଙ୍ଗ ପଥେ ।

ଝିନ ବାସ ତୁମ ଓଦା କରିଦେବ
ଦୁଷ୍ଟାମୀ କରିବ ପାଗଳ ପଣେ
ଡାକି ନିଜ ଘରୁ ଏକା ଏକା ଦେଖି
ମିଛ ବାହାଦୁରି କହିବ ତେଣେ ।

ହାତର ମେହେନ୍ଦି ରଙ୍ଗ ଯିବ ଛାଡି
ବିନ୍ଦି ଓଦା ହେବ ସୌନ୍ଦର୍ଯ୍ୟ ଯିବ
ଦେବ ରୋଗ ବ୍ୟାଧି ନାହିଁ ମହୋଷଧି
ଅଯଥାରେ ଖାଲି ଦୁଃଖ ପାଇବ ।

ଭାରି ଚତୁର ସେ ପାଗଳ ଶ୍ରାବଣ
ଇନ୍ଦ୍ରଧନୁ ଟାଣି ନିଜ ଛାତିରେ
କହିବ ସେ କେତେ ଭଲ ପାଉ ଅଛି
ଜାଣିନ କି ସଖୀ ମହି ମଧ୍ୟରେ !

ଶୁଣାଇବ ପ୍ରେମ ମିଳନ ସଂଗୀତ
ମୟୂରକୁ ଦେଖି ଦେବ ଇସାରା
'ତୁମେ ମୋ ନିଜର ନାହିଁ ଏଠି କେହି
ଅପରୂପା ହୀରା ହୃଦ ପାଶୋରା' !

ମାନିବ ମୋ କଥା ପ୍ରାଣର ବାନ୍ଧବୀ
ଭରସିବନି ସେ ଶ୍ରାବଣ ବାଣୀ
ଯାଇଛି ସେ ଆଜି ତୁମରି ଗାଆଁକୁ
ହେଜ ରଖିଥିବ ମୋ କଥା ଜାଣି ।

+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ :୯୪୩୮୧୧୪୩୬୮

### ପ୍ରେମ....

**ରାମଚନ୍ଦ୍ର ବେହେରା**

ଆଖିରେ ଆଖି ମିଳିଲେ ଥରେ
ହୁଅଇ ପରିଚୟ
ତା'ପରେ ହୁଏ ମିଠା ବାରତା
ଭାବର ବିନିମୟ।
ଭାବ ବଢିଲେ ନିଦ ହଜଇ
ଚଂଚଳ ହୁଏ ମନ
ମନ କଥାକୁ ବୁଝି ପାରିଲେ
ଜନମ ନିଏ ପ୍ରେମ।
ପ୍ରେମ ପରଶେ ସପନ ଆସେ
ବାନ୍ଧିବା ପାଇଁ ବସା
କେଉଁ କାମରେ ମନ ଲାଗେନା
ଘାରଇ ମନେ ନିଶା।
ନହେଲେ ଭେଟ ଲାଗେ ଏକାନ୍ତ
ମେସେଜଟିଏ ଯାଏ
ମୋବାଇଲରେ ଉତ୍ତର ଆସେ
ଆନନ୍ଦ ଅଶ୍ରୁ ବହେ।
ବାର୍ତ୍ତାଳପରେ ପ୍ରଭେଦ ହେଲେ
ହୁଅଇ ଦୁର୍ବିସହ
ସହି ହୁଏନି ମନର କୋହ
ଆଖିରୁ ଝରେ ଲୁହ।
ଦୁଇଟି ମନ ଏକାଠି ହେଲେ
ମିଳେ ପ୍ରୀତି ପରଶ
ହସ ଖୁସିରେ ସମୟ ବିତେ
ପ୍ରତୀକ୍ଷା ହୁଏ ଶେଷ।
ଦୁହେଁ ଦୁହିଁଙ୍କୁ କଲେ ବିଶ୍ୱାସ
ପ୍ରେମର ହୁଏ ଜୟ
ଜୀବନ ତରୀ ବଢେ ଆଗକୁ
ନଥାଏ ମନେ ଭୟ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ତୁମ ଘର ଆମ ଘର

**ନିରଞ୍ଜନ ସାହୁ**

କେବେ ଡାକିବ କି ତୁମରି ଘରକୁ
ଆସିବ କି ଆମ ଘର
କେବେ ଦେଖାଇବ ତୁମରି ସଂସାର
ମୋ ସଂସାର କ'ଣ ପର ?
କେତେ ଆପଣାର ଲାଗୁଥିଲି ଦିନେ
ଆଜି ତ ଅଜଣାଟିଏ
ବଞ୍ଚିଛି ଜାଣିକି କଷ୍ଟ ଲାଗୁଥିବ
ମଲେ କହିବ ସେ କିଏ
ସତରେ ତୁମେ ତ ବଦଳି ଅଛ ନା
ମିଛେ ଅଭିନୟ କର ?
ଭାରି ଇଚ୍ଛାହୁଏ ଦେଖିବାକୁ ସେହି
ଭାଗ୍ୟବାନ ପରୁଷଙ୍କୁ
ଦେଖିବାକୁ ଇଚ୍ଛା କରିଛ କି କେବେ
ମୋ ଘରଣୀ ମଣିଷକୁ
ଇଚ୍ଛା ହୁଏ ତୁମ ପିଲାଙ୍କୁ ଛୁଅଁନ୍ତି
ମୋ ପିଲାଙ୍କୁ ଟିକେ ଧର ?
ତୁମ ସଂସାରରେ ପଶିବାକୁ ଯଦି
ଅନୁମତି ମୋତେ ନାହିଁ
ମୋର ସଂସାରଟା ସ୍ୱାଗତ କରିବ
ତୁମ ବାଟ ଅଛି ଚାହିଁ
ମୋ ଘରଣୀ ରାଣୀ ସବୁ ଅଛି ଜାଣି
ଜାଣିଛି କି ତୁମ ବର ?

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

## ଏଠି ଜଣେ କବି ଥିଲେ
### ରତ୍ନାକର ରାଉତ



ଏଠି ଜଣେ କବି ଥିଲେ
ଜୟଦେବ ବିହାର ଟ୍ରାଫିକ୍ ଛକରେ
ଅଟକି ଥିବାବେଳେ ତାଂକ କଥା
ମନେପଡ଼ିଲା
ତାଂକ ଗଳି ଆଡ଼େ
ଖୋଜିଲା ଖୋଜିଲା ଆଖିରେ ଅନେଇଲି
କାଳେ ଭେଟ ହୋଇଯିବ
ଯେପରି ଏହି ଛକରେ
ଭେଟ ହୋଇଯାଉଥିଲା କେବେ କେବେ
ଚିହ୍ନା ଚିହ୍ନା ମୁହଁଟା ଶୂନ୍ୟରେ ଭାସିଲା
ତାଂକ ପରିଚିତ ସ୍ୱର ପବନରେ ଶୁଣାଗଲା
ସେ ସେଠାରେ ନ ଥାଇବି ଥିଲେ
ଆସି ତୁରନ୍ତ ଉଭା ହେଲେ
ମୋ ହାତକୁ "ଦେବୀ ପାଦ" ବହିଟି
ବଢ଼େଇଦେଲେ ହସିହସି
ଏବଂ ମିଳେଇଗଲେ ଅନ୍ତରାଳରେ
ଏଠାରୁ ତାଂକ ଯିବାର
ପାଖାପାଖି ହୋଇଗଲାଣି ଦେଢ଼ବର୍ଷ
ତଥାପି ସେ ଆସି ଦେଖାଦେଲେ
କିବା ମୋ ଭିତରୁ ଉଇଁଲେ
ମୋତେ ଜଣା ନାହିଁ
କିନ୍ତୁ ମୁହୂର୍ତ୍ତକ ପାଇଁ ହେଲେବି
ସେ ଆସିଥିଲେ।

ଜନ୍ମାଷ୍ଟମୀ ସଂଧ୍ୟାରେ
ବାହୁଡ଼ିଗଲେ ମିଶ୍ରବାବୁ
ପଛକୁ ପଛ ଆଉ କିଏ କିଏ ଯିବେ
ଗଣେଶ ଚତୁର୍ଥୀକି ଶ୍ରୀପଂଚମୀରେ
କାହାର ପାଳି ପଡ଼ିପାରେ
ଦୁର୍ଗାଷ୍ଟମୀ ଅବା ଦଶହରାରେ
ଧାଡ଼ିରେ ସଭିଏଁ ଠିଆ
କିଏ ଆଗ କିଏ ପଛ
ସେହି ଧାଡ଼ିରେ ଛିଡ଼ା ହୋଇଛି ମୁଁ
ମୋତେ କଣ ଜଣା
କେବେ ମୋ ପାଳି
ଏହା ଭିତରେ ପଡ଼ିଯାଇପାରେ।


ପିଂଜୁରି ଭିତର ପକ୍ଷୀ
ବିତଉଥାଏ କାରାବାସ
ବଂଦୀ ଜୀବନ
ସବୁବେଳେ ମୁକ୍ତିର ଅପେକ୍ଷାରେ ରହିଥାଏ
ପିଂଜୁରିର ଦ୍ୱାର ଖୋଲିଗଲେ
ଅଥବା ପିଂଜୁରି ଭାଂଗି ତୁଟିଗଲେ
ପକ୍ଷୀ ଉଡ଼ିଯାଏ ତା ବାଟରେ
କାହାକୁ ନିମିଷେ ଅପେକ୍ଷା କରେନି
ତା ପାଇଁ ଅନନ୍ତ ଆକାଶର ଅଂଗନ
ମୁକୁଳା ପଡ଼ିଥାଏ
ତାକୁ ଆଦରି ନେବାକୁ।

ସମୁଦ୍ରରୁ ଢେଉ ଉଠେ
କୂଳରେ ଗମାତ୍ କରେ
ପୁଣି ସମୁଦ୍ରକୁ ଫେରିଯାଏ
ସମୁଦ୍ର ଭିତରୁ ଆସିଥାଏ
ସମୁଦ୍ରରେ ଲୀନ ହୋଇଯାଏ
ମାତ୍ର ସମୁଦ୍ର ଯେମିତି ଥିଲା ସେମିତି ଥାଏ
ଆଦୌ ବଦଳେ ନାହିଁ
ତାର କଣ ସେଥିରେ କିଛି ଲାଭ ହୁଏ
ନା କ୍ଷତି ?

ଜୁଆର ସଭିଂକୁ ଭିଜାଏ
ଖେଳାଏ, କୋଳାଏ, ହସାଏ, କନ୍ଦାଏ
ଏବଂ ଫେରିଗଲା ବେଳେ
କେତୋଟି ମୁହୂର୍ତ୍ତ ଭଲକରି ଝୁରାଏ
ସମୁଦ୍ରକୁ ଯିଏ ବୁଝିଥାଏ
ନା ତାର କିଛି ଦୁଃଖ ଥାଏ
ନା ଥାଏ ସୁଖ
ସେ ସବୁ ପରିସ୍ଥିତିରେ ଥାଏ
ନିର୍ବିକାର ଅବିଚଳିତ
ଯେପରି ଯିବା ଆସିବାର ପ୍ରକ୍ରିୟା
ତାପାଇଁ ଖୁବ୍ ସାଧାରଣ
ଗତାନୁଗତିକ ନିତ୍ୟନୈମିତିକ
ସଂସାରରେ ନିୟମିତ ଆସିବା ଯିବା
ସେମିତି ଲାଗି ରହିଥାଏ
ଏ କେଉଁ ଗୋଟେ ନୂଆ କଥା ଯେ !!!

♥ଭୁବନେଶ୍ୱର

## ମିଶ୍ରଘର ବୁଢୀ
### ଭରତ ଚନ୍ଦ୍ର ଦାଶ



ଏକ ହାତେ ପଲିଥିନ୍ ଅନ୍ୟ ହାତେ ବାଡି,
ଫୁଲତୋଳିବାକୁ ଚାଲେ ମିଶ୍ରଘର ବୁଢୀ ।
ଫୁଲ ତ ତୋଳୁଛି ପୁଣି ଡାଳତ ଭାଙ୍ଗୁଛି,
ସ୍ୱଭାବେ ଉଗ୍ର ବୋଲି କିଏ ବା କହୁଛି ।

ଯେ କହିବ ତାର ସାତପୁରୁଷକୁ ନିନ୍ଦା
ଶବ୍ଦ ବାଣେ ଜାଣ ତାର ହେବ ମୁଣ୍ଡବିନ୍ଧା
ତାର ଯଉବନକାଳ ଲୀଳା ଯେ ଦେଖିଛି,
ସତୀ ମହାସତୀ ବୋଲି କିଏ ବା କହୁଛି ।

ଯାର ଖାଏ ଦେବା ନା ତୁଣ୍ଡେ ନ ଧରିବ,
ମାଗିଲେ କହିବ ତୋ ବଅଁଶ ବୁଡିବ ।

ଦେହୁ ତାର ଦିଏନାହିଁ ଟିକିଏ ବି ମଳି,
ଲୋକେ ଏବେ କହୁଛନ୍ତି ଦୁଃଖିର ସଂକାଳି।

ଗେରସ୍ତ ତା ବାରମାସୀ ଦେହର କିଂକର,
ନାଲିଆଖି ଦେଖିଲେ ତା ଜୀବନଟା ଛାର।

♥ସଚିବ, ସୃଜନ ଶ୍ରୀକ୍ଷେତ୍ର
ମାର୍କୋଣା, ବାଲେଶ୍ୱର-୭୫୬୧୨୬
ମୋ: ୯୪୩୭୩୭୨୧୬୬

## ଶବ୍ଦ ମାନବୀ
### ଆନନ୍ଦ କୁମାର ମାଇତି




ଶବ୍ଦର ପ୍ରତୀକ ଗୁଡ଼ିକ ଯେମିତି ଏକ
ମହାଶୂନ୍ୟ
ଧିମା ଆଲୁଅର ଗୋଟେ ପ୍ରତ୍ୟୁଷ,
ଲାଗେ, ସତେକି ଏକ ମହାଜାଗତିକ
ରହସ୍ୟର ଉନ୍ମୋଚନ।

ଏମିତି ଗୋଟେ ଗୋଟେ ଇଚ୍ଛାରେ, ସେ
ଆସିବ ବୋଲି
ମୋ ତିଆରି ଘରେ ଗୋଟେ ବି କବାଟ
ଗଢ଼ିନଥିଲି।
ସେ ଆସିବ ବୋଲି ସେ ଘରେ
ଗୋଟେ ବି ଛାତ ତିଆରି ନଥିଲି,
ଯେଉଁ ତାରାଟି ତା ପ୍ରେମିକ ଛାତିକୁ ଲକ୍ଷ୍ୟ
କରି
କୁଦି ପଡ଼ିବ ଅନନ୍ତ ହେବାକୁ।
ତା ପାଇଁ କେବଳ ସ୍ଥଳ ପଦ୍ମ ପତ୍ରରେ
ରଖିଥିଲି ବୁନ୍ଦେ ପାଣି
ସେଇ ବୁନ୍ଦେ ପାଣିରେ ଜୀବନର ଇଚ୍ଛା
ପ୍ରାନ୍ତକୁ ଛୁଇଁ ପହଁରିଯିବ
ଶବ୍ଦ ମାନବୀ।

ଏମିତି କି ସେ ଆସିବ ବୋଲି
ସେ ଘରେ କାନ୍ଥ ରଖିନି ଭାବି ଚିନ୍ତି
କାମିନୀ କାନନର ମହକ ଆସିବ ଧୀରେ
ଧୀରେ
ଗୁଣୁ ଗୁଣୁ ହୋଇ ବଖାଣି ହେବବି
ଅନୁଚ୍ଚାରିତ ସଂଳାପ ସବୁ।

ସେ ଏମିତି ଏକ ଶୂନ୍ୟ ତାରା
ଆସେ ଶୂନ୍ୟ ହୋଇ
ସୃଷ୍ଟି ଆଉ ବିଲୁପ୍ତର ଭୂଗୋଳ ପୃଷ୍ଠାରେ
ପହ ି ବି ପହଚ ନା ତା ପାଦ ଚିହ୍ନ।

ଖ୍ରୀନଭିନ ହୃଦୟରେ, ଅନୂପୂର୍ବିକ ଶ୍ରମରେ
ଘୁଣଖିଆ ଢ଼ିଙ୍କି ଘରେ
ବିଦିର୍ଣ୍ଣ ଭୋର୍ ଗୋଟେ ଘେନି ଆସେ
ଗୋଟେ କାନ୍ଦଣାର ଇତିହାସ ପରି।

♥ବଗଡା, କେନ୍ଦ୍ରାପଡ଼ା

## ଭଡା ଘର
### ଶରତ କୁମାର ଦାସ



ମୂଲ୍ୟବାନ ଚକମକ ବସ୍ତୁରେ
ଯେତେ ସଜେଇଲେ ବା
ପରସ୍ତ ପରସ୍ତ ଢାଙ୍କିଦେଲେ
ହିରା ମୋତି ଅବା ସୁନାର ଚାଦର
ଭଡା ଘର କାନ୍ଥର ଚିକ୍କଣ ପିଠିରେ
କି ଲାଭ ହେବ ଯେ !

ଝଲମଲ ଦିଶୁଥିବା ଜହ୍ନିଫୁଲିଆ
ଜହ୍ନ ଆଲୁଅକୁ କ'ଣ ଧରି ରଖିହେବ
ସବୁଦିନ ପାଇଁ ନିଜ ହାତ ପାପୁଲିରେ ?

ବଗିଚାରେ ଫୁଟିଥିବା ଫୁଲକୁ
ପଚାରି ହେବ କି କୋଉଠି ତା ଗନ୍ତବ୍ୟ
ସ୍ଥଳ
ମନ୍ଦିରକୁ ନା ମଶାଣିକୁ ?

ସେ ତ ପୁଣି ଭଡା ଘର, ଅସ୍ଥାୟୀ ନିବାସ
କୋଉ ନିଜର କି !
ବାଜିଗଲେ ସମୟର ଶେଷ ଘଣ୍ଟି
ଛାଡିବାକୁ ହେବ ଦିନେ ନା ଦିନେ
ଇଚ୍ଛା ଥାଉ ବା ନଥାଉ
ମାଲିକର କ୍ରୂର ଇଂଗିତରେ।

ସବୁତକ ମୋହମାୟା
ଆଉ ଯେତେ ନିବିଡ଼ ବନ୍ଧନ ସେ ଘର ସହ
ଉଡୁଥିବେ ଶୂନ୍ୟରେ,ମହାଶୂନ୍ୟରେ
ଏକା ଏକା ନିଜ ନିଜ ଭାଗ୍ୟକୁ ଆଦରି।

ଲିଭିଯିବ ସହରର ସବୁ ବତି
କବ୍ଜାକରିବ କିଟିକିଟି ଅନ୍ଧକାର
ଆପାଦମସ୍ତକ
ଆଉ ଶୁଭିବନି ଚେଢେଇଙ୍କ ମୁଗ୍ଧ
କୋଳାହଳ
ବାଡିପଟ ବାଉଁଶ ବଣରୁ ।

ଗଛପତ୍ରସବୁ ଝାରୁଥିବେ ଲୁହ
ମୋ ସହ ସେମାନଙ୍କ ଏଇ କେତେଟା
ଦିନର
ମିଠା ମିଠା ଆତ୍ମୀୟତାକୁ ମନେପକାଇ
କେତେବେଳେ କେମିତି ।

ହାତ ଠାରି ଡାକୁଥିବେ ପଛରେ
ମୋ ଭଡା ଘରେ ଠୁଳହୋଇ ରହିଥିବା
ମୋ ଅର୍ଜିତ
ଯେତେ ନିନ୍ଦା ଅପବାଦ, ଯଶଖ୍ୟାତି।

ଦାଉଦାଉ ଦିଶୁଥିବ ମୋତେ କିନ୍ତୁ ମୋ
ଯିବା ବାଟରେ ସେ ନୂଆ ଘରଟିର
ଅପରୂପ ଦୃଶ୍ୟ
କାକର ପଖାଳା ତା ସବୁଜ ଗାଲିଚା
ପ୍ରଜାପତିଙ୍କ ସତେଜ ଚୁମ୍ବନ
ପୁଣି ସ୍ନିଗ୍ଧ ଆଲିଙ୍ଗନ !

ହେଲେ ପଡିଥିବା ଶେଷ ପାଦଚିହ୍ନ ମୋର
ଭଡା ଘରର ନିର୍ଜୀବ ଚଟାଣ ଉପରେ
ହସୁଥିବ ଠୋ' ଠୋ' ଅଦୃଶ୍ୟରେ
ମୋ ନିର୍ବୋଧତାକୁ ଏକଲୟରେ ଚାହିଁ ।

♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଅଭିମାନ
### ସୁରାତ୍ରୀ ପ୍ରଧାନ



କିଏ ଏଠି ବୁଝେ କାହା ମନ କଥା
ଯେତେ କର ଅଭିମାନ
ହୃଦୟ ତଳର ଅକୁହା ବେଦନା
ନିରବରେ କଟେ ଦିନ ।

ସମୟର ଏଇ ଅଙ୍କ ବଙ୍କା ରାସ୍ତା
ଜୀବନର ଚଲାପଥେ
ସବୁ ଭିତରେ ବି ବଞ୍ଚିବାକୁ ହେବ
ଅସରନ୍ତି ପଥ ସାଥେ ।

ଆଶାରୁ ବଞ୍ଚିତ ନିରାଶ ହୋଇଲେ
କାହାକୁ କହିବ ଯାଇ
ଅଦେଖା କ୍ଷତରୁ ରକତ ଝରିଲେ
ବଞ୍ଚିବାର ମାନେ ନାହିଁ ।

ସୁଖର ସପନ ରାତିକୁ ନିଅଁଣ୍ଟ
ଦିନରେ ଆସିବ କାହିଁ
ଅଭିମାନ ଖାଲି ମନ ଦରଜା ରେ
ଅହରହ ଜଳୁଥାଇ ।

ଧୋଇବାକୁ ହୁଏ ଆଖିର ଲୁହରେ
ଅନ୍ତର ବେଦନା ମାନ
ଓଠ ତଳ ଭାଷା ନିରବ ରୁହଇ
ଲୁଚାଇକି ଅଭିମାନ ।

♥କୁଶୁପୁର, ଗୋପ, ପୁରୀ
ମୋ: ୭୦୦୮୨୬୦୫୧୬

## ଅଭିନୟ ସରିଯିବା ପରେ
### ବିଜୟ କୁମାର ପଣ୍ଡା



ଏ ପାରିର ଅଭିନୟ ସରିଯିବା ପରେ
ଛଅକାନ୍ଧ ଖୋଜାହେବା ବେଳେ
ମୋ ଆଖି ଖୋଜି ବୁଲୁଥିବ
ତୁମର ସେଇ ସଧବା ବେଶ
ନିରୀହ ଓଠରେ ସେ ଚେନାଏ ହସ

ଏ ହୃଦୟ ଚାହୁଁଥିବ
ପରଶ ମାଆର ପଣତ କାନିର
କୋହଭରା ଆଖିରେ
ଛାତିରେ ଛାତିଏ ଆତ୍ମୀୟତାର ସ୍ୱର

ମୁଁ ଠିକ୍ ଚିହ୍ନି ପାରୁଥିବି,
ଚାରି ହାତ ଦୂରେ ଦେଖଣାହାରୀ
ମୁଖାପିନ୍ଧା ଆତ୍ମୀୟ ସ୍ୱଜନଙ୍କୁ

ଜୀବନ ଯାକର ସବୁ ସ୍ମୃତିକୁ
ମୁହୂ ର୍ତ୍ତକେ ପର କରିଦେଇ
ଚାଲିଯିବାର ଅବଶୋଷ,
ନା ଦେହତଳ ଭୂମି କେଇ ହାତ
ନା ଆଉ କିଛି ଅମୂଲ୍ୟ ଦରବ..
କେବଳ ଖୋଜୁଥିବି
ସାଉଁଟା ସ୍ମୃତି ଆଉ କିଛି ଅଭୁଲା ମୁହୂ ର୍ତ୍ତ ।

♥ଭର୍ତ୍ତୁର୍, ବାଙ୍ଗାଲୋର
ମୋ:୯୭୩୯୫୯୧୮୧୬

## ରଙ୍ଗ
### ନୀଳମଣି ଚାନ୍ଦ



ସପତ ରଙ୍ଗର ଇନ୍ଦ୍ରଧନୁରେ
ବାଘନୀସର ମେଖଳା
ମୟୂରପୁଚ୍ଛରେ ରଙ୍ଗର ରୋଷଣି
ମୋତେ ସମ୍ମୋହିତ କଲା।

ନିତିନିତି ରଙ୍ଗ ବଦଳାଏ ନଭ
ସାଗର ସେମିତି ଥାଏ
ପ୍ରେୟସୀ ହୃଦୟୁ ଝରି ପ୍ରୀତିରଙ୍ଗ
ପରାଣକୁ ଛୁଇଁପାଏ।

ବାରମାସୀ ବିହଙ୍ଗ ସମ ମାନବ
ବଦଳାଉଥାଏ ରଙ୍ଗ
ଅନୁଭୂତିରୁ ଏ ହୋଇଛି ପ୍ରତ୍ୟୟ
ଲଭି ଆନେକଙ୍କ ସଙ୍ଗ।

ସବୁ ଭିତରେ ଯେ ଥିଲାଟି ନିଆରା
ହୋଲି ରଙ୍ଗ ମୋ'ର ପାଇଁ
ସେ ରଙ୍ଗ ମାଖିଲ ସତେ ଅନୁରାଗେ
କରିପାରିଲିନି ନାଇଁ।

♥ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପଚାରିଲି ଦିନେ ପ୍ରେମକୁ
### ପ୍ରଭାତ କୁମାର ଆଚାର୍ଯ୍ୟ



ପ୍ରେମ ଏକ ଦିବ୍ୟ ଅନୁଭବ
ଯାହା ବିନା ଜୀବନ ଗତିଶୀଳ ହୁଏନା
କିନ୍ତୁ ତା'ର ସଂଜ୍ଞା କଣ ? ରୂପ କ'ଣ ?
ଆନ୍ଦୋଳିଥିବା ପ୍ରଶ୍ନକୁ ନେଇ
ବିହରିଲି ପର୍ବତ କାନନ, ସମୁଦ୍ର,ଗଗନ
ପଚାରିଲି ସମସ୍ତଙ୍କୁ ପ୍ରେମର ପରିଭାଷା ।
ଗୋଲାପ କହିଲା
ମୋ କଣ୍ଟାର ଆଘାତରେ ରକ୍ତାକ୍ତ ହୋଇବି
ଆପଣାର କରିନେବାର ଚେଷ୍ଟା ହିଁ
ପ୍ରେମର ପରିଭାଷା।
କିଛି ତରଙ୍ଗ ଦେଇ କହିଲା ନଦୀ
ଯୋଜନ ଯୋଜନ ଦୂରରୁ ବହିଆସି
ସମୁଦ୍ର ସହ ସବୁଦିନ ପାଇଁ
ହଜିଯିବାର ମୋହ ହିଁ
ଅଟେ ପ୍ରେମ ଗୀତି।
ପଚାରିଲି ବିଜୁଳି ରାଣୀ !
ପ୍ରେମକୁ କେମିତି ବୁଝିଛୁ ଜାଣି ?
ବିଜୁଳି କହିଲା--
ଯେତେ ମୁଁ ଦେଉଛି ଆକାଶର ଛାତି ହାଣି
ତା'ରି ଛାତିରୁ ଜନମ ହୁଏ ପୁଣି
ଉଦ୍ଦାମପଣ ତା'
ପ୍ରେମ ନାମେ ହୁଏ ଗଣି ।
ତେଜୀୟାନ୍ କରି ଶିଖା
କହିଲା ଜଳନ୍ତା ଦୀପ
ଜାଣିଶୁଣି ନିଜକୁ ଜାଳିବା
ଅନ୍ଧାର କରି ନିଜ ଜନପଦ
ଅନ୍ୟ ରାଇଜେ ଆଲୋକ ଭରିଦେବା
ଅଟେ ପ୍ରେମର ନାମ।
ପଚାରିଲି ଘୁଙ୍ଗୁରକୁ
ପ୍ରେମ ସମ୍ପର୍କରେ କି ଉତ୍ତର ଦେବୁ ?
ଘୁଙ୍ଗୁର କହିଲା ରୁଣୁଝୁଣୁ ସ୍ୱରେ
ମୁଁ ଛନ୍ଦିହେଲି ଅନ୍ୟର ପାଦରେ
ନିଜେ ପିଟି ହେଲି ଆପଣା ଦେହରେ
ଅନ୍ୟ ପାଇଁ ନାଚିବା ହୋଇଲା ମୋ
ଧର୍ମରେ
ଲୋକେ କହନ୍ତି
ମୁଁ କୁଆଡ଼େ ପଡ଼ିଛି ପ୍ରେମରେ।
ଶାନ୍ତ ହେଲାନି ମୋ ଅବୁଝା ମନ
କାନେ କାନେ ଚୁପି ଚୁପି
ଉତ୍ତର ଦେଲା ପ୍ରେମ
ମୁଁ ଗୋଟିଏ ହୃଦୟ, ଦୁଇଟି ସ୍ପନ୍ଦନ
ଦୁଇଟି ନିଶ୍ୱାସ, ଗୋଟିଏ ଜୀବନ
ଭଲପାଇବାର ଅନୁରାଗେ
ଦିବ୍ୟ ସମର୍ପଣ ।

♥ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

## ନୀରବତା
### ପବିତ୍ର ବେହେରା



ତୁମ ନୀରବତାର
ଅନ୍ଧାରକୁ ଏଡାଇବା ବୋଲି
ନୀତି ଏଠି ବିଶ ପିଏ
ଅସହ୍ୟ ବେଦନା ସହ୍ୟ।

ଯଦି କେବେ ସମୟ ମିଳେ
ଆସି ଦେଖି ନେବ
ଶୁଦ୍ଧ ଘୃତରେ ଅଶାନ୍ତ ମନ ମୋର
ଯଜ୍ଞ କୁଣ୍ଡରେ ଜଳି ଯାଉଛି।

କେବେ ଝରାଇବନି ଆଖିରୁ
ଲୁହ ଦୁଇ ଟୋପା
କେବେ କହିବନି କାହାକୁ
ଆମ ଗୋପନୀୟ କଥା।

ଆଉ କେତେ ଦିନ
ଜୁଲୁଜୁଲା ପୋକ ହୋଇ ଜଳିବି
ଚିତ୍ରର ରଙ୍ଗୀନ ପ୍ରଜାପତି ପରି
ଧିରେ ଧିରେ ଲିଭିଯିବି।

ସବୁଦିନ ପାଇଁ ଏକ ଅଶୁଭ
ସ୍ୱପ୍ନ ହୋଇ ନୀରବି ଯିବି
ଯେତେ ଚିତ୍କାର କଲେ ବି
ଆଉ ଫେରିବି ନାହିଁ।

♥ବାହାଲପୁର,ଗଞ୍ଜାମ
ମୋ: ୭୭୮୮୮୮୬୬୦୨

## ସନ୍ତୋଷୀ
### ଶିବ ପ୍ରସାଦ ବାହିନୀପତି



ସନ୍ତୋଷୀ ଲୋ ସନ୍ତୋଷେ ତୁ
ଦେଇଯାଆ ବର
ଅଧମ ଶିବ ପ୍ରଣମେ ଚରଣେ ତୋହର ।
ଭୁକ୍ତି ମୁକ୍ତି ପ୍ରଦାୟିନୀ ମାଆ ଲୋ ସନ୍ତୋଷୀ
ଅଧମ ପୁତ୍ର ମୁଁ ତୋର ଘେନ ମୋ ମିନତୀ
।
ଜାଣି ନାହିଁ ଭକ୍ତି ମାଆ ନାହିଁ ମୋର ଜ୍ଞାନ
ଜାଣି ନାହିଁ ପୂଜା ତୋର ବିଧିର ବିଧାନ ।
ମନ୍ତ୍ର ତନ୍ତ୍ର କ୍ରିୟାଚାର କିଛି ନାହିଁ ଜଣା
ତଥାପି ଆକୁଳେ ମାଆ କରୁଛି ମାର୍ଜନା ।
ଭବ ସାଗରରେ ମାଆ ଭାସୁଅଛି ମୁହିଁ
ନାବ ଖଣ୍ଡେ କୂଳେ ମୋର ଦିଅ
ମହାମାୟୀ।
ତବ ତରଣୀରେ ପାରି ହେବି ଭବ ବାରି
ଦୁଃଖ ସାଗରରୁ ମା' କରିଦିଅ ପାରି ।
ଏତିକି ମାଗୁଣି ମାଆ ଶ୍ରୀପୟରେ ତୁମ୍ଭର
ଦୀନ ଶିବ ସ୍ତୁତି କରେ ଯୋଡ଼ି ତା'ର କର।

♥ସମ୍ପାଦକ - ଉଦୟ ଭାନୁ
ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ

## ଆସ ବୁଲିଯିବା ଗୋପପୁରକୁ
### ତପନ କୁମାର ସାହୁ



କେଉଁ ନିର୍ଜନତାର ସହରେ
ଲେଖା ହୁଏ କବିତା
ଆତ୍ମୀୟତାର ସୁଖଦ ଛନ୍ଦରେ ।

ଏଠି ଫୁଲସବୁ ଖୁବ ମରନ୍ତି
ଫଥର ମାନେ ସଜେଇ ହେଇ
ଉଡ଼ିବୁଲନ୍ତି ମୁଣ୍ଡ ଉପରେ,
ଠିକ
ବୟସ ବଢିଲା ବେଳକୁ ।

ରକ୍ତର ଫେଣ
ପୂଜ ମାନଙ୍କୁ ଡେଇଁ
ଅନେକ ଶସ୍ତା ସତ୍ୟ ସୃଷ୍ଟି କରନ୍ତି ।

କିଏ କହିଲା ?
ଏଠି ସବୁ ଶସ୍ତା !

ଆତ୍ମୀୟତା କେଉଁଠି
କେଉଁ ଆଡ଼େ ଦେଖିଲା ସେ
ଆଖି ସବୁତ ମୋତିଆ ବିନ୍ଦୁରେ ହାରି ଛନ୍ତି
।

ବୋତଲ ବୋତଲ ରକ୍ତ
ଉତେଇ ରତାଲୁ ପରି
ଭାସୁଛନ୍ତି ମନରେ
ଜଳୁଛନ୍ତି ଦେହ ସବୁ
ନିଜକୁ ଭସେଇ ଦେଇ ମହଙ୍ଗା ବନ୍ୟାରେ ।

♥କଳାହାଣ୍ଡି
ମୋ: ୭୩୨୮୦୦୧୫୭୫

# ସାହିତ୍ୟ ଏକାଡ଼େମୀ ଓ ରଚନା ଆନୁକୂଲ୍ୟରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ

ବଲାଙ୍ଗିର, ୧୧/୦୯ (ନି.ପ୍ର): ଆଜି ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରଚନା ବଲାଙ୍ଗିର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟ ସାଧାରଣ ପରିଷଦ ସାହିତ୍ୟ ଏକାଡେମୀ ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଅଧିବେଶନରେ ସ୍ୱାଗତ ଭାଷଣ ଦେଇଥିଲେ ସହ ସମ୍ପାଦକ ସାହିତ୍ୟ ଏକାଡେମୀ କଲିକତା, ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ କୁମାର ପଣ୍ଡା, ମୁଖ୍ୟ ଅତିଥି ଭାବେ ଉଦ୍ଘାଟନ କରିଥିଲେ ବିଶିଷ୍ଟ ଲେଖକ ଓ ସମାଲୋଚକ କାଳିଦାସ ମିଶ୍ର, ଧନ୍ୟବାଦ୍ ଅର୍ପଣ କରିଥିଲେ ରଚନା ସଭାପତି ସନାତନ ଠାକୁର। ଉଦ୍ଘାଟନ ପରେ ମଧ୍ୟାହ୍ନର ପ୍ରଥମ ଅଧିବେଶନ କ୍ଷୁଦ୍ରଗଳ୍ପ ପାଠ ଅଧିବେଶନରେ ଅଧ୍ୟକ୍ଷ ଥିଲେ ଗାଳ୍ପିକ ପ୍ରଦୀପ କୁମାର ମିଶ୍ର, ଗଳ୍ପ ପାଠ କରିଥିଲେ ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ ଶ୍ରୁତକିର୍ତୀ ତ୍ରିପାଠୀ। ମଧ୍ୟାହ୍ନ ଭୋଜନ ପରେ ଦ୍ୱିତୀୟ ଅଧିବେଶନ'' ମୁଁ କାହିଁକି ଲେଖେ '' ଅପରାହ୍ନ ୨ଟା ୩୦ ରେ ଔପନ୍ୟାସିକ ସଭାମୁଖ୍ୟ ଥିଲେ ଭାଗରଥି ମିଶ୍ର, ନିଜ ନିଜର ବକ୍ତବ୍ୟ ରଖିଥିଲେ ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀ ନାରାୟଣ ହୋତା, ଶ୍ରୀମତୀ ମୁକୁଲ ମିଶ୍ର, ସଞ୍ଜୟ କୁମାର ମିଶ୍ର ଓ ସ୍ୱାଗତିକା ସ୍ୱାଇଁ। ତୃତୀୟ ଅଧିବେଶନ କବିତା ପାଠ ଅପରାହ୍ନ ୪ଟା ରେ ସଭାମୁଖ୍ୟ ଥିଲେ କବି ପ୍ରହଲ୍ଲାଦ ଶତପଥୀ, କବି ଆଶିଷ କୁମାର ମିଶ୍ର, ଜୟଦ୍ରଥ ସୁନା, ମହେଶ୍ୱର ପ୍ରଧାନ, ମମତା ପ୍ରିୟଦର୍ଶିନୀ ସାହୁ ମୁକେଶ ବୈଷ୍ଣବ ପାଣିଗ୍ରାହୀ, ପୁନ୍ୟଦୀପା ଖମାରୀ। ଶେଷରେ କବି ରତ୍ନମୟ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ପରିଷଦ ବୈଠକ

କୋରେଇ, ୧୧/୦୯ (ନି.ପ୍ର): ନିସହାୟ,ନିଷ୍ପେସିତ ଜନତାଙ୍କ ସ୍ୱାର୍ଥରକ୍ଷା କରିବା ଲାଗି ସଂଗ୍ରାମ ଜାରି ରଖିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଯାଜପୁର ଜିଲ୍ଲା ପରିଷଦର ବୈଠକ ପାଣିକୋଇଲିର ସ୍ୱାଇସ ଓଡ଼ିଶା ହୋଟେଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବରିଷ୍ଠ କମ୍ୟୁନିଷ୍ଟ ନେତା ଆଲୋକ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ସଭାରେ ସିପିଆଇର ରାଜ୍ୟ ସମ୍ପାଦକ ଅଭୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡ଼ି ଭାଗିଦାରୀରେ ସରକାର ଚାଲୁଥିବା ବେଳେ ଦୁର୍ନିତୀ ଚରମ ସୀମାରେ ପହଂଚିଛି। ଏତଦ ବ୍ୟତୀତ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ସ୍ଥାନୀୟ କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କ ସହିତ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଗୁରୁତ୍ୱ ଦିଆନଯାଇ ବାହାର ରାଜ୍ୟର ବ୍ୟକ୍ତି ମାନଙ୍କୁ ଅଗ୍ରାଧିକାର ଦିଆଯାଉଛି ଫଳରେ ଆମ ରାଜ୍ୟର ବେକାର ଯୁବକ ଯୁବତୀ ମାନେ ପେଟପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଉଭୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏତଦ ବ୍ୟତୀତ ସରକାରଙ୍କ ତରଫରୁ ଶିଳ୍ପ ସଂସ୍ଥାକୁ ମାଗଣାରେ ପାଣି ଯୋଗାଇ ଦିଆଯାଉଥିବା ବେଳେ ଚାଷ ଜମିକୁ ପାଣି ନାହିଁ,ଫଳରେ ଚାଷୀ ଆତ୍ମହତ୍ୟା କରୁଛି। ଏ ନେଇ ଗତ ସେପଟ୍ଟେମ୍ବର ମାସ ୧ ତାରିଖ ଦିନ ଅଖିଳ ଭାରତୀୟ କୃଷକ ସଭାର ପ୍ରତିଷ୍ଠା ଦିବସ ଉପଲକ୍ଷେ ଉଭୟ କମ୍ୟୁନିଷ୍ଟ ଓ କୃଷକ ମଂଚର ୨୪ ଦଫା ଦାବି ପୁରଣ ଲାଗି ଯାଜପୁର ଜିଲ୍ଲା ବଡ଼ଚଣା ଓ ଦଶରଥପୁର ବ୍ଲକରେ ପାର୍ଟିର କାର୍ଯ୍ୟକର୍ତା ମାନେ ବିଡ଼ିଓଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି ପତ୍ର ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ

ପୁରୀ, ୧୧/୦୯ (ନି.ପ୍ର): ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଛି । କାଳୀୟଦଳନର ଅନ୍ୟାନ୍ୟ ନୀତି ମାର୍କଣ୍ଡ ପୁଷ୍କରିଣୀ ନିକଟରେ ସମ୍ପନ୍ନ ହୋଇଛି। ଆଜି ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ମଦନ ମୋହନ ଓ ରାମକୃଷ୍ଣଙ୍କୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରାଇଥିଲେ । ଏହାପରେ ପୁଷ୍ପାଳକ ସେବକ ମାନେ ମହାପ୍ରଭୁଙ୍କୁ ଝୁଲଣ ମଣ୍ଡପରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ । ପରେ ଠାକୁର ମାନେ ଶ୍ରୀମନ୍ଦିର ବେଢା ପରିକ୍ରମା କରି ଲୋକନାଥ ରୋଡ଼ ସ୍ଥିତ ଲବଣୀଖିଆ ମଣ୍ଡପକୁ ବିଜେ କରିଥିଲେ । ସେଠାରେ ବନ୍ଦାପନା ଶୀତଳ ଭୋଗ ଆଦି ନୀତି ସମ୍ପନ୍ନ ପରେ ମାର୍କଣ୍ଡ ପୁଷ୍କରିଣୀ ଠାରେ ମହାପ୍ରଭୁଙ୍କ କାଳୀୟ ଦଳନ ନୀତି ସମାପନ ହୋଇଛି । ଏହାପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ମହାପ୍ରଭୁ ବାହୁଡ଼ା ବିଜେ କରିବା ପରେ ଜୟ ବିଜୟ ଦ୍ୱାର ଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ନୀତି ବଢିବା ପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଛନ୍ତି । ଏହାପରେ ଅନ୍ୟାନ୍ୟ ନୀତି ବଢିବା ଉତାରୁ ରତ୍ନ ସିଂହାସନ ଉପରେ ବିରାଜମାନ କରିଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳୀୟ ଦଳନ ବେଶରେ ସଜ୍ଜିତ କରାଯାଇଛି । ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଯମୁନା ଜଳରେ କାଳୀୟ ସର୍ପକୁ ବଧ କରିଥିବାରୁ ସେହି ସ୍ମୃତିକୁ ମନେ ପକାଇ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହେଉଛି । ଏହି ବେଶରେ ରତ୍ନ ସିଂହାସନ ଉପରେ ରୂପକାର ସେବାୟତମାନଙ୍କ ଦ୍ୱାରା ନିର୍ମିତ ସପ୍ତଫେଣୀ କଳା ସର୍ପ ଜଗନ୍ନାଥଙ୍କ କାଠ ନିର୍ମିତ ପାଦ ତଳେ ବିରାଜମାନ କରିଥିଲେ । ବେତ, କଳାକନା ଓ ସୂତାରେ ଦରଜିଙ୍କ ସହାୟତାରେ ଏହି ସପ୍ତଫେଣୀ କଳା ସର୍ପ ନିର୍ମାଣ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ଦୁଇ ପାର୍ଶ୍ୱରେ ଦୁଇଟି ନାଗୁଣୀ ପ୍ରାର୍ଥନାରତ ଅବସ୍ଥାରେ ରହିଥିଲେ। ପ୍ରଭୁ ବାମ ହସ୍ତରେ କାଳୀୟର ଲାଞ୍ଜ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ପଦ୍ମଫୁଲ ଶୋଭା ପାଉଥିଲା । ଶ୍ରୀ ବଳଭଦ୍ରଙ୍କୁ କାଠ ନିର୍ମିତ ପାଦହସ୍ତ ଲାଗି କରାଯାଇଥିଲା । ଶ୍ରୀ ବଳଭଦ୍ର ଦୁଇ ହସ୍ତରେ ହଳ, ମୂଷଳ ଧାରଣ କରିଥିଲେ । ସମ୍ମୁଖରେ କାଠ ନିର୍ମିତ ଗାଈବାଛୁରୀ ଦଣ୍ଡାୟମାନ ରହିଥିଲେ । ସେହିପରି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରାମକୃଷ୍ଣ ବିମାନରେ ଲବଣିଖିଆ ଛକ ଦେଇ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିଥିଲେ । ସେଠାରେ ପୁଷ୍କରିଣୀ ମଝିରେ ଥିବା ଦୀପିଦାଣ୍ଡି ମଣ୍ଡପରେ ରୂପକାର ସେବକଙ୍କ ଦ୍ୱାରା ପୂର୍ବରୁ କାଠରେ ନିର୍ମିତ କାଳୀୟ ନାଗ ସ୍ଥାପନ ହୋଇଥିଲା । ଜଣେ ସେବାୟତ କୃଷ୍ଣ ବେଶ ଧାରଣ କରିବା ସହ ଅନ୍ୟ ଜଣେ ସେବାୟତ ଗରୁଡ଼ ବେଶରେ ସେଠାକୁ ଯାଇ ସର୍ପକୁ ବଧ କରିଥିଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କୁ ବିଷ ଜ୍ୱାଳାରୁ ଗରୁଡ଼ ଉଦ୍ଧାର କରିବା ପରେ ବିଷକ୍ରିୟା ଲାଘବ ପାଇଁ ଅମୃତ ଲଡୁ ଶ୍ରୀକୃଷ୍ଣଙ୍କୁ ଖୁଆଇଥିଲେ । ସଂନ୍ଧ୍ୟାରେ ଏହି ଦୃଶ୍ୟ ଦେଖିବା ପାଇଁ ମାର୍କଣ୍ଡ ପୁଷ୍କରିଣୀ ଓ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଯାହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ଗତକାଲି ଠାକୁରଙ୍କ ବଣଭୋଜି ବେଶ ଓ କୋଳିବିକା ନୀତି ଅନୁଷ୍ଠିତ ହୋଇଥିଲା ।

## ସଡକ ଦୁର୍ଘଟଣାରେ ଯୁବକ ଗୁରୁତର

ମାର୍ଶାଘାଇ/କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୩ ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ହାତେଇଛନ୍ତି । ଖବରରୁ ଜଣାପଡିଛି ମାର୍ଶାଘାଇ ଅନ୍ତର୍ଗତ ଧନୁଆ ମଲିକ ସକାଳୁ ପାନ ବ୍ୟବସାୟ କରିବା ପାଇଁ ଗୋପ ଛକ ଆଡୁ ଆସୁଥିବା ସମୟରେ ହଜାରୀ ଛକ ଠାରେ ପଛପଟରୁ ଏକ ଟ୍ରକ ଧକ୍କା ଦେବା ଦ୍ୱାରା ସେ ଗୁରୁତର ଭାବେ ଆହତ ହୋଇ ପଡି ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଲୋକମାନେ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଛନ୍ତି ।

# ବ୍ରାହ୍ମଣପଡା ଲକ୍ଷ୍ମୀଯୋର ସେତୁର ଲୋକାର୍ପଣ କଲେ ନରସିଂହ

ବଲାଙ୍ଗୀର, ୧୧/୦୯ (ନି.ପ୍ର): ବଲାଙ୍ଗୀରର ସମ୍ପୂର୍ଣ୍ଣ ବିକାଶ ପାଇଁ ଅନେକ ଲଢେଇ କରାଯାଇଛି। ସ୍ଥାନୀୟ ରାଜନେତାଙ୍କ ପ୍ରଚଣ୍ଡ ବିରୋଧ ସତ୍ୱେ ବଲାଙ୍ଗୀର ପାଇଁ ଅନେକ ଆଖି ଦୃଶିଆ ପ୍ରକଳ୍ପ ଯଥା ମେଡିକାଲ କଲେଜ, ପିଆର ହାଇସ୍କୁଲ ବ୍ୟାଡମିଂଟନ ଷ୍ଟଡିୟମ, ଭୀମ ପାହାଡ ପର୍ଯ୍ୟଟନ ସ୍ଥଳି, କିରାବାହାଲ ଛତାମଖନା ବ୍ୟାରେଜ ସମେତ ସହରର ସମସ୍ତ ରାସ୍ତା ଉନ୍ନତିକରଣ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିରୋଧି ଯେତେ ବିରୋଧ କଲେ ହେଁ ବଲାଙ୍ଗିର ର ବିକାଶ ପ୍ରକ୍ରିୟାକୁ କେହି ରୋକି ପାରିବେ ନାହିଁ। ଆଗାମୀ ଦିନରେ ନିଶ୍ଚିତ ଭାବରେ ଏମାନଙ୍କ କୁମ୍ଭିର କାନ୍ଦଣା ଉଚିତ ଜବାବ ଲୋକେ ଦେବେ ବୋଲି ଆଜି ସ୍ଥାନୀୟ ବ୍ରାହ୍ମଣପଡା ଲକ୍ଷ୍ମୀଯୋର ଉପରେ ଏକ ହାଇଲେବେଲ ସେତୁର ଲୋକାର୍ପଣ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ପରିପ୍ରେକ୍ଷିରେ ସେ ଆହୁରି ମଧ କହିଛନ୍ତି ଯେ ବିକାଶ ବିରୋଧିଙ୍କ ଭୁଆଁବୁଲା ରାଜନୀତିକୁ ଲୋକେ ଠିକ୍ ଭାବରେ ବୁଝି ଗଲେଣି। ଲୋକେ ଆଉ ଠକେଇ ରେ ପଡିବେ ନାହିଁ। ଲୋକଙ୍କୁ ଶିକ୍ଷା, କୃଷି, ଜଳସେଚନ, କ୍ରିଡା ଓ ଗମନାଗମନ କ୍ଷେତ୍ରରେ ବିକାଶ ହିଁ ଦରକାର। ତେଣୁ ଯେଉଁମାନେ ନକରାତ୍ମକ ରାଜନୀତି କରୁଛନ୍ତି ସେମାନେ ସତର୍କ ହୋଇଯାଆନ୍ତୁ। ଆଜି ଅପରାହ୍ନରେ ବିଧାୟକ ଶ୍ରୀ ମିଶ୍ର ସ୍ଥାନୀୟ ଶାରଦେଶ୍ୱରୀ ଆୟୁର୍ବେଦିକ ଡାକ୍ତରଖାନାରେ ୨୩ ଲକ୍ଷ ଟଙ୍କାର ଅନୁଦାନରେ ଏକ ପ୍ରାଚେରୀର ଭିତି ପ୍ରସ୍ତର ଦେବା ସହ ସେଠାରେ ଉପସ୍ଥିତ ଥିବା ଡାକ୍ତରମାନଙ୍କ ସହ ପଂଚକର୍ମ ଗୃହ ନିର୍ମାଣ ତଥା ଡାକ୍ତରଖାନାର ଅନ୍ତେବାସୀମାନଙ୍କ ବାବଦରେ ପଚାରି ବୁଝିଥିଲେ। ପରେ ପରେ ଲକ୍ଷ୍ମୀଯୋର ଉପରେ ୩କୋଟି ୫ଲକ୍ଷ ୮୧ହଜାର ଟଙ୍କାର ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏକ ହାଇ ଲେବଲ ସେତୁର ଲୋକାର୍ପଣ କରିଥିଲେ। ଲୋକଙ୍କ ବହୁ ଦିନର ଦାବି ଥିବା ଏହି ସେତୁ ଲୋକାର୍ପଣ ଉତ୍ସବରେ ଅଂଚଳର ଶହସ୍ରାଧିକ ମହିଳା ଓ ପୁରୁଷ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ସମସ୍ୟାକୁ ନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ । ଲୋକଙ୍କ ସାମୁହିକ ସମସ୍ୟା ଯାହାବି ଅଛି ସେ ସବୁକୁ ନିଶ୍ଚିତ ଭାବରେ ଅଗ୍ରାଧିକାର ଭିତିରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବ୍ରାହ୍ମଣପଡାରୁ ବରପାଲିପଡାକୁ ସଂଯୋଗ କରୁଥିବା ସେତୁ ବହୁ ସଙ୍କିର୍ଣ୍ଣ ତଥା ତଳିଆ ଥିବାରୁ ଏଠାରେ ଅନେକ ସମୟରେ ଲୋକଙ୍କ ଜାତାୟତ ପାଇଁ ଟ୍ରାଫିକ ସମସ୍ୟା ଉପୁଜି ଦୁର୍ଘଟଣା ଘଟି ଧନଜିବନ ହାନି ର ଆଶଙ୍କା ଥିଲା। ଏହି ଉଚ୍ଚତମ ସେତୁ ନିର୍ମାଣ ପରେ ଏହି ସମସ୍ୟା ପ୍ରାୟତଃ ଦୂର ହୋଇଯିବ। ଏ ଉଭୟ କାର୍ଯ୍ୟକ୍ରମରେ ଡା. ପ୍ରଶନ୍ନ ମିଶ୍ର, ଆୟୁର୍ବେଦିକ ଛାତ୍ର ସଂସଦର କର୍ମକର୍ତା, ବିଧାୟକଙ୍କ ପ୍ରତିନିଧି ଡା. ପ୍ରକାଶ ଦାଶ, ନବ କିଶୋର ମାଝି, ମନୀଷ ମିଶ୍ର, ଅସୀତ ମିଶ୍ର, ବୁଲୁ ଦାନି, ହିମାଂଶୁ ନାୟକ, ସାନନ୍ଦ ମିଶ୍ର, ଅରୁଣ ଶତପଥି, ଜୁଲୁ ପଟ୍ଟନାୟକ, ଜୟନାରାୟଣ ମିଶ୍ର, କୈଳାସ ମିଶ୍ର, ଡା. ପ୍ରଶାନ୍ତ ପ୍ରଧାନ, ଗୋପାଳ ମିଶ୍ର, ରବି ସ୍ୱାଇଁ, ସବିତା ସାହୁ, ସାଇନା ବେଗମ, ସବିତା ଶତପଥି, କଳ୍ପନା ସେଠଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ସୋନପୁର ମହାନଦୀ ଓ ଅଙ୍ଗନଦୀ ବ୍ରିଜରେ ଟୋଲ ଆଦାୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସଚେତନ ନାଗରିକ ମଂଚର ଦାବି

ସୁବର୍ଣ୍ଣପୁର, ୧୧/୦୯ (ନି.ପ୍ର): ସୋନପୁର ମହାନଦୀ ବ୍ରିଜ ଓ ଅଙ୍ଗ ନଦୀ ବ୍ରିଜ ରେ ଦୀର୍ଘ ଦିନରୁ ହେଉଥିବା ଟୋଲ ଆଦାୟକୁ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବୀରେ ସୁବର୍ଣ୍ଣପୁର ସଚେତନ ନାଗରିକ ମଂଚ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକ ମଂଚର ଶ୍ୟାମା ଓଁ ପ୍ରସାଦ ମିଶ୍ର ସୂଚନା ଦେଇଥିଲେ ଯେ ବିନିକା ଅଙ୍ଗନଦୀ ବ୍ରିଜପାଇଁ ୧୯୯୩ ମସିହାରୁ ଆଜକୁ ପ୍ରାୟ ୩୦ ବର୍ଷଧରି ଟୋଲ ଦେୟ ଆଦାୟ କରାଯାଉଛି। ସୂଚନା ଆଇନ ମାଧ୍ୟମରେ ପ୍ରାପ୍ତ ସୂଚନା ଅନୁସାରେ ଆଜି ଯାଏଁ ଅଙ୍ଗ ବ୍ରିଜ ସର୍ବମୋଟ ୧୨ କୋଟି ୬୬ ଲକ୍ଷ ୪୭ ହଜାର ୧ଶହ ୭୬ ଟଙ୍କା ସରକାରୀ ରାଜକୋଷ ଆୟ କରି ସାରି ଥିବାବେଳେ ୨୦୦୪ ମସିହାରୁ ଆଜକୁ ପ୍ରାୟ ୨୦ ବର୍ଷ ହେବ ସୋନପୁର ମହାନଦୀ ପାଇଁ ଟୋଲ ଦେୟରୁ ୧୫ କୋଟି ୨୩ ଲକ୍ଷ ୮୭ ହଜାର ୯୯୪ ଟଙ୍କା ରାଜକୋଷକୁ ଯାଇ ସାରିଛି। କିନ୍ତୁ ଦୁଃଖର ବିଷୟ ୨୦୦୪ ମସିହାରୁ ବୌଦ୍ଧ ମହାନଦୀ ବ୍ରିଜ ପାଇଁ ୨୦୧୮ ମସିହା ଯାଏଁ ୮ କୋଟି ୩୪ ଲକ୍ଷ ୩୯ ହଜାର ୩୫୫ ରାଜ କୋଷ ଆୟ କଲାପରେ ୭.୫.୨୦୧୮ ତାରିଖରୁ ଟୋଲଦେୟ ବନ୍ଦପାଇଁ ସରକାର ନିର୍ଦ୍ଦେଶନାମା ଜାରିକରି ଟୋଲ ଆଦାୟ ବନ୍ଦ କରାଯାଇଛି। କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ବାସୀ ବିଭିନ୍ନ ସମୟରେ ଏହି ଉଭୟ ଅଙ୍ଗନଦୀ ପୋଲ ଓ ମହାନଦୀ ପୋଲ ପାଇଁ ଆଦାୟ ଟୋଲ ଦେୟ ବନ୍ଦପାଇଁ ସରକାରଙ୍କ ଠାରେ ଦାବି କଲା ପରେ ମଧ ରାଜ୍ୟ ସରକାର ଆମର ଦାବିକୁ ଅଣଦେଖା କରି ଆସିଛନ୍ତି। ବୋଧହୁଏ ରାଜକୋଷ ପାଇଁ ଏହି ଦୁଇଟି ପୋଲ ଦୁଧିଆଳି ଗାଇ ସଦୃଶ। ସୁବର୍ଣ୍ଣପୁର ଜିଲ୍ଲାକୁ ଏତାଦୃଶ ବୈମାତୃକ ମନଭାବର କାରଣ କଣ ବୋଲି ନାଗରିକ ମଂଚ ପ୍ରଶ୍ନ କରିଛନ୍ତି ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ ଆସନ୍ତା ଏକମାସ ମଧ୍ୟରେ ରାଜ୍ୟ ସରକାର ଯଦି ଏହି ଉଭୟ ଅଙ୍ଗ ନଦୀ ଓ ମହାନଦୀ ପୋଲ ପାଇଁ ଟୋଲ ଆଦାୟ ସଂପୂର୍ଣ୍ଣ ବନ୍ଦ ପାଇଁ ଆଦେଶ ନ ଦିଅନ୍ତି ତେବେ ସୁବର୍ଣ୍ଣପୁରର ଜନସାଧାରଣ ରାଜରାସ୍ତାକୁ ଓହ୍ଲେଇ ଦାବି ହାସଲ ପର୍ଯ୍ୟନ୍ତ ଲଢେଇ କରିବାକୁ ବାଧହେବେ ଆଉ ସେଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଉତର ଦାୟୀ ରହିବେ ବୋଲି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ନାଗରିକ ମଂଚର ଶ୍ୟାମା ଓଁ ପ୍ରସାଦ ମିଶ୍ର, ପୁରୁଷୋତମ ପାଣିଗ୍ରାହୀ, ଗୋବିନ୍ଦ ମହାରଣା, ଆର୍ତତ୍ରାଣ ବାବୁ, ସୁଧୀର ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ ଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ।

## ରତାଖଣ୍ଡି ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୧୧/୦୯ (ନି.ପ୍ର): ଦେଶି ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ରତାଖଣ୍ଡି ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରି ଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୬ ଶହ ଲିଟର ପୋଚ ଓ ୭୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୧୧/୦୯ (ନି.ପ୍ର): ସ୍ଥାନୀୟ ମୀନା ଟେଂଟ ହାଉସଠାରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫ ବର୍ଷ ପୂର୍ବେ କିଛି ହାତଗଣତି ସଦସ୍ୟଙ୍କୁ ନେଇ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଗଠିତ ହୋଇଥିବା ବେଳେ ବର୍ତମାନ ତାହା ଜିଲ୍ଲା ବ୍ୟାପି ଏକ ବଡ ପରିବାରରେ ପରିଣତ ହୋଇପାରିଛି। ଉକ୍ତ ବୈଠକରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ମଣ୍ଡଳୀ ଡା. ବେଣୁଧର ପାଣ୍ଡେ, ଅମିତ ମହାନ୍ତି, ଟୁନା ମିଶ୍ର, ଉତମ ନନ୍ଦ, ସନ୍ଦୀପ ବାଗ, ଏମ୍.ଡି. ଶେଖ ୱାହୀଦ, ଗୋପାଳ ପ୍ରଧାନ, ଧନଞ୍ଜୟ ପାଣିଗ୍ରାହୀ, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ମଂଚାସୀନ ରହିଥିବା ବେଳେ ଜିଲ୍ଲାର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହିପରି ଭାବରେ ସମାଜସେବା ପ୍ରତି ସର୍ବଦା ସମର୍ପିତ ମନୋଭାବ ନେଇ ସଂଗଠନ କାର୍ଯ୍ୟ ଜାରି ରହୁ ବୋଲି ଉପଦେଷ୍ଟା ମଣ୍ଡଳୀ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଆହ୍ୱାନ ଦେଇ ଉତ୍ସାହିତ କରିଥିଲେ। ବଲାଙ୍ଗିର ଜିଲ୍ଲାର ପ୍ରତ୍ୟେକ ୧୪ ଗୋଟି ବ୍ଲକ, ୨ ଗୋଟି ପୌର ପରିଷଦ ଏବଂ ୩ ଗୋଟି ବିଜ୍ଞାପିତ ଅଂଚଳ ପରିଷଦରେ ଥିବା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଶାଖା ମାନଙ୍କର ପଦପଦବୀ ଏହି ବୈଠକରେ ଘୋଷଣା କରାଯାଇଥିଲା। ଏହାସହ ବଲାଙ୍ଗିର ଜିଲ୍ଲା ମହିଳା ସ୍ୱେଚ୍ଛାସେବୀ ସଂଗଠନ ଗଠନ କରାଯାଇ ବିଭିନ୍ନ ପଦପଦବୀ ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସମାଜସେବାରେ ସମର୍ପିତ ସଦସ୍ୟଙ୍କୁ ଉତ୍ସାହିତ କରିବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ଜିଲ୍ଲା ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଶତପଥୀ ସମ୍ପାଦକୀୟ ପଠନ ସହିତ ସଭା ପରିଚାଳନା କରିଥିଲେ। ଶେଷରେ ସୁମିତ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବୈଠକ ଆୟୋଜନରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସମସ୍ତ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ।

## କେନ୍ଦ୍ରାପଡା କ୍ଷେତ୍ରୀୟ ଓ ଖଣ୍ଡାୟତ ମହାସଂଘର ବୈଠକ

କେନ୍ଦ୍ରାପଡ଼ା, ୧୧/୦୯ (ନି.ପ୍ର): କ୍ଷେତ୍ରୀୟ ଓ ଖଣ୍ଡାୟତ ମହାସଂଘର ଏକ ବୈଠକ ଗରାପୁର ସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଂସ୍ଥାପକ ନିରଞ୍ଜନ ରଣସିଂହଙ୍କ ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ବେହୁରା, ଗୋଲଖ ଚନ୍ଦ୍ର ପଢିଆରୀ, ଧନେଶ୍ୱର ରାଉତ, ସୁଶିଲ କୁମାର ସାମଲଙ୍କ ଦ୍ୱାରା ଏକ ଜିଲ୍ଲା ସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଜୋନାଲସ୍ତରୀୟ ଆଇନ ସାକ୍ଷରତା କ୍ଲବ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଅନୁଷ୍ଠିତ

ଜୟପୁର, ୧୧/୦୯ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଦ୍ୱାରା ଜୋନାଲ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜୋନ ନଂ.୦୬ ଅନୁଶାରେ କୋରାପୁଟ ଜିଲ୍ଲା ଏହି ପ୍ରତିଯୋଗିତା ଆୟୋଜନ କରିଥିଲା । ଏଥିରେ ୪ଟି ଜିଲ୍ଲାର ଆଇନ ସାକ୍ଷରତା କ୍ଲବ୍ ପ୍ରତିଯୋଗି ମାନେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରେ, ନବରଙ୍ଗପୁର, କଳାହାଣ୍ଠି, ମାଲକାନାଗିରି, କୋରାପୁଟ, ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ,ଏବଂ କ୍ଷୁଦ୍ର ଏକାଙ୍କିକା ନାଟକ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା । ଏହି ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିବା ଆଇନ ସାକ୍ଷରତା କ୍ଲବ ଗୁଡିକ ମଧ୍ୟରେ କ୍ଷୁଦ୍ର ଏକାଙ୍କିକା ନାଟକ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ଓଡିଶା ଆଦର୍ଶ ବିଦ୍ୟାଳୟ, ମେସିଂଙ୍ଗପୁଟ, କୋରାପୁଟ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ସରକାରୀ ପଂଚାୟତ ଉଚ୍ଚ ବିଦ୍ୟାଳୟ, ତାରାଗାଁ, ନବରଙ୍ଗପୁର ଜିଲ୍ଲା, ଏବଂ ତୃତୀୟ ସ୍ଥାନରେ ଓଡିଶା ଆଦର୍ଶ ବିଦ୍ୟାଳୟ, ମୁସିଗୁଡା, କଳାହାଣ୍ଠି ଜିଲ୍ଲା । ଏବଂ ପ୍ରବନ୍ଧରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଅଂଶୁମାନ ସ୍ୱାଇଁ, ସିଟି ହାଇ ସ୍କୁଲ ଜୟପୁର ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କୁମାରୀ ତପସ୍ୱୀନି ଦାସ, ଓଡିଶା ଆଦର୍ଶ ବିଦ୍ୟାଳୟ ମୁସିଗୁଡା କଳାହାଣ୍ଠି ଏବଂ ତୃତୀୟ ସ୍ଥାନ ରେ ଅନେଶ୍ୱା ପ୍ରଜ୍ଞା କରକରା, ଜବାହାରଲାଲ୍ ନବୋଦୟ ବିଦ୍ୟାଳୟ, ଖାତିଗୁଡା, ନବରଙ୍ଗପୁର ଜିଲ୍ଲା। ବକ୍ତୃତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଶ୍ରୀ ସାଇ କିରନ ପଟ୍ଟନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ, କୋଟପାଡ, କୋରାପୁଟ ଜିଲ୍ଲା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ କୁମାରୀ ସନସିତା ପଠା, ଓଡିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟ, ନବରଙ୍ଗପୁର ଜିଲ୍ଲା, ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଇମ୍ରାନ ପ୍ରତୀକ ନାଗ, ସରକାରୀ ଉଚ୍ଚ ବିଦ୍ୟାଳୟ, କେସିଙ୍ଗ ।, କଳାହାଣ୍ଠି ଜିଲ୍ଲା । ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଶିବା ନାୟକ, ସରକାରୀ ଉଚ୍ଚବିଦ୍ୟାଳୟ, କେସିଙ୍ଗା, କଳାହାଣ୍ଠି ଜିଲ୍ଲା, ଦ୍ୱିତୀୟ ସ୍ଥାନରେ ପ୍ରଫୁଲ୍ଲ ସାନ୍ତା, ସରକାରୀ ଉଚ୍ଚବିଦ୍ୟାଳୟ,ଜୟପୁର, କୋରାପୁଟ ଜିଲ୍ଲା, ଏବଂ କୁମାରୀ ଅଭିଲୀସା ପାଢୀ, ଓଡିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟ, ନବରଙ୍ଗପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା କୋରାପୁଟ ଜିଲ୍ଲା ମୁଖ୍ୟ ବିଚାରପତି ଶ୍ରୀ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତୀଥି ଭାବେ ଯୋଗ ଦେଇଥିଲେ । ଏଥିରେ ପରିବାର ଅଦାଲତର ବିଚାରପତି ଡଃ. ପବିତ୍ର ମୋହନ ସାମଲ, ଅତିରକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୋମ୍ପ କୋର୍ଟ, ଶ୍ରୀ ସି.ଏଚ ବାସୁଦେବ ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା କୋର୍ଟରବିଚାରପତୀ ଶ୍ରୀମତୀ ଅଞ୍ଜଳୀ ମାଛଖଠ, ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ରେଖାରାଣୀ ପଠା, ଶ୍ରୀ ସୁମନ ଜେନା ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଦାୟିତ ଗ୍ରହଣ କରିଥିଲେ । ଅଂଶଗ୍ରହଣ କରି ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ମଠଳ ଭାବେ ପରିବାର ଅଦାଲତର ବିଚାରପତ ଡଃ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଜଜ ତଥା ପୋମ୍ପକୋର୍ଟ ବିଚାରପତି ଶ୍ରୀ ସିଏଚ୍ ବାସୁଦେବ ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା କୋର୍ଟରବିଚାରପତୀ ଅଞ୍ଜଳୀ ମାଛଖଠ, ବରିଷ୍ଠ ଦେୱାନୀ ବିଚାରପତି ରେଖାରାଣୀ ପଠା, ସୁମନ ଜେନା ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଏହା ବ୍ୟତୀତ ଜୁରୀ ସଚିବ ସତ୍ୟ ସୁନ୍ଦର ଦାଶ, ଅଧ୍ୟାପକ, ବିକ୍ରମଦେବ ମହାବିଦ୍ୟାଳୟ, ଜୟପୁର, କବିତା ବଢେଇ, ଅଧ୍ୟାପିକା ବିକ୍ରମଦେବ ମହାବିଦ୍ୟାଳୟ, ଜୟପୁର, ଉଦୟଶଙ୍କର ଜାନୀ, ଅବସରପ୍ରାପ୍ତ ଅଲ୍ ଇଠିଆ ରେଡିଓ ଶାଖା, ଜୟପୁର, ପଦ୍ମଚରଣ ଚୌଧୁରୀ, ଆର୍ଟ ପ୍ରଶିକ୍ଷକ ଜୁରୀ ସଦସ୍ୟ ର ଦାୟିତ୍ୱ ନେଇଥିଲେ ।

# ଗଜାନନଙ୍କ ପୂଜା ନିମନ୍ତେ ସଜେଇ ହେଉଛି ପାଣିକୋଇଲି ବଜାର

କୋରେଇ, ୧୧/୦୯ (ନି.ପ୍ର): ଆଉ ଦିନ କେତୋଟି ପରେ ଧରାପୃଷ୍ଠକୁ ପୂଜା ପାଇବାକୁ ଓହ୍ଲାଇ ଆସିବେ ବିଘ୍ନହର୍ତା ଗଜାନନ। ଏଥିଲାଗି ସଜେଇ ହେଉଛି ପାଣିକୋଇଲି ବଜାର। ଦୋଳ ମେଲଣ ପରେ ଗଜାନନଙ୍କ ପୂଜା ପାଣିକୋଇଲିର ଅନ୍ୟତମ ଗଣପର୍ବ ହୋଇଥିବା ବେଳେ ଏଥି ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି। ୧୯୫୭ ମସିହାରୁ ପୁର୍ବତନ ସରପଂଚ ତଥା ପାଣିକୋଇଲି ଅଂଚଳର ଦିବଙ୍ଗତ ଜନନେତା ସ୍ୱର୍ଗତ କିଶୋର ଚନ୍ଦ୍ର ମଲ୍ଲିକ ପାଣିକୋଇଲି ବଜାରରେ ବିଘ୍ନହର୍ତାଙ୍କ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ବହୁ ଘାତ ପ୍ରତିଘାତ ସତ୍ୱେ ଉକ୍ତ ପୂଜାକୁ ବଂଚାଇ ରଖିଛନ୍ତି ପାଣିକୋଇଲି ବଜାରର ବ୍ୟବସାୟୀ ଓ ସ୍ଥାନୀୟ ଯୁବକ ମାନେ। ଆଗରୁ ବଜାର ଉପରେ ଅସ୍ଥାୟୀ ତମ୍ବୁ ତଳେ ଗଜାନନଙ୍କ ପୂଜା ଆୟୋଜିତ ହେଉଥିବା ବେଳେ ନୂତନ ଭାବେ ବର୍ତମାନ ତାହା ବଜାରର ମଧ୍ୟସ୍ଥଳୀରେ ଥିବା ମା ତାରିଣୀଙ୍କ ମନ୍ଦିରରେ ଆୟୋଜିତ ହେଉଛି। ପ୍ରତ୍ୟେକ ବର୍ଷ ଶୃଙ୍ଖଳାର ସହିତ ଜାକ ଜମକରେ ପାଳନ କରାଯାଉଥିବା ଗଜାନନଙ୍କ ପୂଜା ଚଳିତ ବର୍ଷ ମଧ ଶୃଙ୍ଖଳାର ସହିତ ପାଳନ କରାଯିବ। ଏଥି ଲାଗି ସୁଦୃଶ ତୋରଣ ସହିତ ଆକର୍ଷଣୀୟ ମାଟିର ପ୍ରତିମାଙ୍କ ନିର୍ମାଣ ଶେଷ ପର ?ୟାୟରେ। ପୂଜାକୁ ପାଳନ କରିବା ଲାଗି ଦିନ ରାତି ଏକ କରିଦେଇଛନ୍ତି ସ୍ଥାନୀୟ ଗଣେଶ କମିଟିର ସଦସ୍ୟ ତଥା ବଜାରର ସମସ୍ତ ବ୍ୟବସାୟୀ ମାନେ। ଚଳିତ ବର୍ଷ ପୂଜାକୁ ଜାକ ଜମକରେ ପାଳନ କରାଯିବା ସହିତ ୧୯ ତାରିଖ ଦିନ ପୂଜା ଆରମ୍ଭ ହୋଇ ୨୩ ତାରିଖରେ ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଦିଲ୍ଲୀପ କୁମାର ନାୟକ,ଉପସଭାପତି ନଟବର ଦଳାଇ, ସମ୍ପାଦକ ବିଜନ ଧଳ, ବଳରାମ ସାହୁ, ବିଶ୍ୱନାଥ ଆଇଚ, ପୁରୁଷୋତମ ସାହୁ, ଜ୍ୟୋତିପ୍ରକାଶ ମଲ୍ଲିକ୍, ପ୍ରଭାକର ପଣ୍ଡା ପ୍ରମୁଖ ଜଣାଇଛନ୍ତି ।

# ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା ଦିବସ ଓ ପାଠାଗାର ଉଦ୍‌ଘାଟିତ

କୋରେଇ, ୧୧/୦୯ (ନି.ପ୍ର): ଗତ ୯ ତାରିଖ ଦିନ ପୂର୍ବାହ୍ନ ରେ ପାଣିକୋଇଲି ର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ୬ଷ୍ଠ ପ୍ରତିଷ୍ଠା ଦିବସ ସଂଗଠନ ସଭାଗୃହ ରେ ସଭାପତି ନୃସିଂହ ଚରଣ ଦଳାଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକ ମଂଚର ଜାତୀୟ ପାଠାଗାର ର ଶୁଭ ଉଦଘାଟନ ହୋଇଯାଇଛି। ଏହି ଉତ୍ସବ ରେ ବରିଷ୍ଠ ଶ୍ରମିକ ନେତା, ଜନନାୟକ ମାୟାଧର ନାୟକ ଉଦଘାଟକ, ବରିଷ୍ଠ ସାହିତ୍ୟିକ, ପ୍ରବଚକ, କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ସୂର୍ଯ୍ୟମଣି ଖୁଂଟିଆ ମୁଖ୍ୟ ଅତିଥି, ବରିଷ୍ଠ ସ୍ତମ୍ଭକାର ତଥା ଇଂରାଜୀ ଅଧ୍ୟାପକ ବିରଂଚି ନାରାୟଣ ଦାସ ମୁଖ୍ୟ ବକ୍ତା, ଅର୍ଥନୀତି ଅଧ୍ୟାପକ ଡଃ ଦାମୋଦର ମହାପାତ୍ର ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନେ ସମସ୍ତ ପରିସ୍ଥିତି ରେ ଦୃଢ ରହି ପରିସ୍ଥିତି ର ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମଂଚ ପକ୍ଷରୁ ପରିଚାଳିତ ନିଶୁଳ୍କ କୋଚିଂ ସେଂଟରର ଛାତ୍ରୀ ଶୁଭଶ୍ରୀ ଦାସ, ଅଙ୍କିତା ସାହୁ,ତୋଷାରାଣୀ ଖଣ୍ଡାଇ, ଜୟନ୍ତୀ ଖଣ୍ଡାଇ ସ୍ୱାଗତ ସଂଗୀତ ଗାନ କରିଥିଲେ। କାର୍ଯ୍ୟକାରୀ ସଭାପତି ତଥା ପ୍ରଧାପକ ଉମାକାନ୍ତ ଖଣ୍ଡାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବର୍ଷକ ମଧ୍ୟରେ ମଂଚର କାର୍ଯ୍ୟାଳୟ ର ଆଙ୍ଗିକ ବିକାଶ ରେ ସହାୟତା ପ୍ରଦାନ ସଂଗଠନ କୁ ଧନ୍ୟ କରିଥିବା ପାଣିକୋଇଲି ର ପ୍ରମୁଖ ସମାଜସେବୀ ବିନାୟକ ପଣ୍ଡା,କେଶବ ଚନ୍ଦ୍ର ଭୁକ୍ତା, ସଦସ୍ୟ ସନାତନ ବିଶ୍ୱାଳ, ସତ୍ୟରଞ୍ଜନ ସ୍ୱାଇଁ, ପ୍ରତିମା ସୁନ୍ଦରୀ ମହାପାତ୍ର ପ୍ରମୁଖ ଙ୍କୁ ଅଭିନନ୍ଦିତ କରାଯାଇଥିଲା। କୋଚିଂ ସେଂଟରରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶ୍ରୀକାନ୍ତ ଦାସ, ପ୍ରାଣକୃଷ୍ଣ ନାୟକ, ରବିନ୍ଦ୍ର କୁମାର ପହି, ପ୍ରତାପ ଚନ୍ଦ୍ର ପହି,ଗଙ୍ଗାଧର ସାହୁ ପ୍ରମୁଖ ଙ୍କ ଅବଦାନ ପାଇଁ ଶୁଭେଚ୍ଛା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇ ଉନ୍ନୟନ ପରିଷଦର ସମ୍ପାଦକ ଶ୍ରୀଧର ଦାସ, କୋରେଇ ସାହିତ୍ୟ ସଂସଦ ର ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ବାରିକ ଙ୍କ ସହ ବରିଷ୍ଠ ନାଗରିକ ମଂଚର ସଭ୍ୟ ସତ୍ୟନାରାୟଣ ସାହୁ, ଗୌରାଙ୍ଗ ଚରଣ ବାରିକ, କୋଷାଧ୍ୟକ୍ଷ ବୈଷ୍ଣବ ଚରଣ ସାହୁ, ରଘୁନାଥ ମାଝୀ, ଅଭିରାମ ବାରିକ, ବୃନ୍ଦାବନ ଜେନା, ସୁଦର୍ଶନ ପହି, ଅଭିରାମ ସାହୁ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ। ପରିଶେଷରେ ସଭ୍ୟ ସତ୍ୟରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଫେଟ୍ ମହମ୍ମଦ ଜୟନ୍ତୀ ଓ ବଡ଼ ସର୍କାର ବାବାଙ୍କ ଫତେହପର୍ବ ପାଇଁ ପ୍ରସ୍ତୁତି ବୈଠକ

## ଜୁଲୁସ୍ ଶୋଭାଯାତ୍ରାରେ ଡିଜେ ବନ୍ଦ ପାଇଁ ନିଷ୍ପତ୍ତି

ଭଦ୍ରକ, ୧୧/୦୯ (ନି.ପ୍ର): ବଡ଼ ସର୍କାର ବାବାଙ୍କ ଉର୍ସ ଉତ୍ସବ ଓ ପ୍ରଫେଟ୍ ମହମ୍ମଦଙ୍କ ପବିତ୍ର ଜନ୍ମ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଅନୁଷଠିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ମୁସଲିମ୍ ଜମାତ, ଗୁଲସାନି ଗସପାକ୍, ଗୁଲସାନି ନସିମ୍, ହିନ୍ଦୁସୁରକ୍ଷା ସମିତିର ସଦସ୍ୟ ଏବଂ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଉକ୍ତ ଦୁଇଉତ୍ସବ, ଚଦର ଶୋଭାଯାତ୍ରା ଓ ଜୁଲୁସ୍ ଶୋଭାଯାତ୍ରା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବସମ୍ମତ କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ ଡ . ସରକାରଙ୍କ ବାର୍ଷିକ ଫତେହା ଉତ୍ସବ ଉର୍ସ ସେପ୍ଟେମ୍ବର ୨୩ ଓ ୨୪ ରେ ପାଳିତ ହେବ। ୨୩ରେ ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଫଳ ଗ୍ରହଣ କରାଯାଇ ୧୧ଟାରୁ ଫଳକଟିବା ଆରମ୍ଭ ହେବ। ୨୪ ତାରିଖ ସକାଳେ ପ୍ରାର୍ଥନା, ଭୋଗ ବଣ୍ଟନ, ଚଦର ଚଢ଼ା ରାତି ୧୨ଟା ପର୍ଯ୍ୟନ୍ତ ଚାଲୁ ରହିବ। ଏଥିପାଇଁ ସ୍ଥାନୀୟ ଶ୍ରାଦ୍ଧାଳୁଙ୍କ ସହ ଜିଲ୍ଲା ଓ ରାଜ୍ୟ ବାହାରୁ ୮୦ ହଜାରରୁ ଏକଲକ୍ଷ ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ର ସମ୍ଭାବନା ଥିବାରୁ ବିଶେଷକରି ଟ୍ରାଫିକ୍ ନିୟନ୍ତ୍ରଣ, ସଫେଇ, ପାନୀୟ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଆମ୍ବୁଲାନସ୍ ବ୍ୟବସ୍ଥା, ରେଲୱେ ଷ୍ଟସନରେ ବାହାରୁ ଆସୁଥିବା ଭକ୍ତଙ୍କ ପାଇଁ କାଉଣ୍ଟର ଆଦି ସୁବିଧା ସୁଯୋଗ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପଦକ୍ଷେପ ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଗୁଲସାନି ଗସପାକ୍‌ର ସମ୍ପାଦକ ସେକ୍ ଅତାବ ମୋହି ଉଦ୍ଦିନ୍ ଉର୍ସ ର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସରକାରୀ ବାବାଙ୍କ ପୀଠର ବିପରୀତ ପାର୍ଶ୍ୱରେ ରାସ୍ତା ଆର ପାଖରେ ଥିବା ଜାଗାରେ ଗୁଲସାନି ନସିମ୍ ଦ୍ୱାରା ତୀର୍ଥଯାତ୍ରୀଙ୍କ ଆଶ୍ରୟ ପାଇଁ ଖାଦ୍ୟ, ପାନୀୟ ୨୪ ତାରିଖ ସନ୍ଧ୍ୟାରେ ଧର୍ମସଭା, ଜାତୀୟ, ଆନ୍ତର୍ଜାତୀୟ ସ୍ତରର କବି ସମ୍ମିଳନୀ ଆଦି ବ୍ୟବସ୍ଥା ସମ୍ବନ୍ଧରେ ଅନୁଷ୍ଠାନର ସଭାପତି ହବିବୁଲ୍ଲା ଓ ସମ୍ପାଦକ ଅକତଲ ପ୍ରକାଶ କରିଥିଲେ। ମୁସଲିମ୍ ଜମାତର ସଭାପତି ଅବଦୁଲ ବାରି, ସମ୍ପାଦକ ଆବଦୁଲ ମୋକିମ୍ ଙ୍କ ଦ୍ୱାରା ମହମ୍ମଦ ଜୟନ୍ତୀ ପାଳନ ଓ ଜୁଲୁସ୍ ଶୋଭାଯାତ୍ରା ନେଇ ଉପସ୍ଥାପିତ ବିବରଣୀ ଆଧାରରେ ସଦସ୍ୟମାନଙ୍କ ପ୍ରସ୍ତାବ କ୍ରମେ ଆଲୋଚନା କରାଯାଇଥିଲା। ସେପ୍ଟେମ୍ବର ୧୬ ଓ ୧୭ ରେ ଜହ୍ନ ଦର୍ଶନପରେ ୨୭ ପର୍ଯ୍ୟନ୍ତ ୧୧ ଦିନ ଧରି ପ୍ରତି ସନ୍ଧ୍ୟାରେ ଭୋଗଲାଗି, ଜହ୍ନ ଦେଖିବା ଅନୁଯାୟୀ ୨୮ କିମ୍ବା ୨୯ରେ ଉତ୍ସବ ପାଳନ ଓ ଜୁଲୁସ୍ ଶୋଭାଯାତ୍ରା ସମ୍ବନ୍ଧରେ ଚିକିନିଖି ଆଲୋଚନା କରାଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୬୦ଟି ମେଢ଼ ବାହାରିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଚଉଖଣ୍ଡିରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ମଲ୍ଲିକ୍ ମଇଦାନରେ ପହଞ୍ଚିବ ଓ ସେଠାରେ ରାତି ୩ଟା ପର୍ଯ୍ୟନ୍ତ ଧର୍ମ ସଭାହେବ। ଏହି ଶୋଭାଯାତ୍ରାରେ ଡିଜେ ନ ବାଜିବା ପାଇଁ ମୁସଲିମ୍ ଜମାତ ଓ ସ୍ଥାନୀୟ ସର୍ଦ୍ଦାର ମାନଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଜିଲ୍ଲା ଓ ପୋଲିସ୍ ପ୍ରଶାସନ ତରଫରୁ ଏଦିଗରେ ସମ୍ପୂର୍ଣ୍ଣ ସହଯୋଗ ଓ ପଦକ୍ଷେପ ନିଆଯିବା ପାଇଁ ଏସ୍.ପି ପ୍ରକାଶ କରି ଡି.ଜେ ବ୍ୟବହାର ନେଇ ପୂର୍ବ ସୂଚନା ଥିଲେ ପୋଲିସ୍‌କୁ ଜଣାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। କେବଳ ଗଣେଶ ପୂଜା କି ମହମ୍ମଦ ଜୟନ୍ତୀ ନୁହେଁ ଅନ୍ୟ ସବୁ ପର୍ବପର୍ବାଣିରେ ଜିଲ୍ଲା ତମାମ୍ ଡିଜେ ବନ୍ଦ ପାଇଁ ନିଷ୍ପତ୍ତି ଏବଂ ପଦକ୍ଷେପ ନେବାକୁ ହିନ୍ଦୁସୁରକ୍ଷା ସମିତି ତଥା ଶାନ୍ତି କମିଟି ସଦସ୍ୟ ବିଦ୍ୟାଧର ସାହୁ ଓ ଅତିସ୍ କୁମାର ବେହେରା ମତ ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ୍ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ, ପୋଲିସ୍ ପେଟ୍ରୋଲିଂ ଶୋଭାଯାତ୍ରାରେ ନିଶାସେବନ ନିଷେଧ ଆଦି ସମ୍ବନ୍ଧରେ ମଧ୍ୟ ଏସ୍.ପି. ଆଲୋଚନା କରିଥିଲେ। ଜୁଲୁସ ଶୋଭାଯାତ୍ରା ପାଇଁ ମୁଖ୍ୟ ରାସ୍ତାରେ କ୍ରସ୍ ଗେଟ୍ ନ ହେବା, ଶୋଭାଯାତ୍ରା ହେବାକୁ ଥିବା ରାସ୍ତା ମରାମତି ହେବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଡି.ଏସ୍.ପି. ଡି.ଆଇବି କମଳଲୋଚନ ଭୂୟାଁ ସିଟି.ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ଏବଂ ସଂପୃକ୍ତ ଥାନାଧିକାରୀ ଏହି ବୈଠକରେ ଯୋଗଦେଇ ମତାମତ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ୭୨ ଘଣ୍ଟାରେ ଲଘୁଚାପ...

ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସିଏମ୍? ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରି ପାରେ। ଏହି ସବୁ ଜିଲ୍ଲା ଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତା କାଲି ଅର୍ଥାତ ୧୨ ତାରିଖରେ ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼ା, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସିଏମ୍ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ରାୟଗଡ଼ ଓ ଜଗତପତି ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ଅଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୧୩ ତାରିଖରେ ଅନୁଗୋଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼ ଓ କଟକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସିଏମ୍ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଦେବଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗିର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସିଏମ୍ ପର୍ଯ୍ୟନ୍ତ ବର୍ଷା ହୋଇପାରେ।

## ୭୨ ଘଣ୍ଟାରେ ଲଘୁଚାପ: ତିନି ଦିନ ....

ଖୋଲାଖୋଲି ଅଭିଯୋଗ ଆଣିଛନ୍ତି। ସେ କେମିତି ଉପରମହଲର ନିର୍ଦ୍ଦେଶରେ ତାଙ୍କୁ ବାରମ୍ବାର ଅସମ୍ମାନ ଓ ଅଣଦେଖା କରୁଛନ୍ତି ସେ ନେଇ ଗଣମାଧ୍ୟମ ଆଗରେ ବର୍ଷିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ। ସେପଟେ ବୁକ୍ ସର୍କୁଲାର ନିୟମ ମାନୁନଥିବା ଅଭିଯୋଗରେ ବିଧାନସଭା ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା। ମୟୂରଭଞ୍ଜ ଜିଲ୍ଲାପାଳ କଣ ପାଇଁ ଗୋଟିଏ ଜିଲ୍ଲାରେ ଏତେବର୍ଷ ରହିଛନ୍ତି ବୋଲି ତାଙ୍କ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ରଖିନଥିଲେ ସରକାର।ଗତ ସାଢ଼େ ୫ ବର୍ଷରେ ଜିଲ୍ଲାରୁ ଅନେକ ବରିଷ୍ଠ ଅଧିକାରୀମାନଙ୍କର ବଦଳି ହୋଇଛି, କେବଳ ଜିଲ୍ଲାପାଳଙ୍କୁ ଛାଡ଼ି। ୨୦୧୮ ଏପ୍ରିଲ ୨୬ ତାରିଖରେ ଜିଲ୍ଲାପାଳ ଭାବେ ଯୋଗ ଦେଇଥିଲେ ବିନୀତ ଭରଦ୍ୱାଜ। ଜିଲ୍ଲାପାଳଙ୍କ ସାଢ଼େ ୫ ବର୍ଷ କାର୍ଯ୍ୟକାଳ ଅବଧି ମଧ୍ୟରେ ଜିଲ୍ଲାରୁ ୪ ଜଣ ଏସ୍‌ପି; ଅନିରୁଦ୍ଧ ସିଂ, ଅବିନାଶ କୁମାର, ପି.ପରମାର ଓ ରିଷିକେଶ ଦ୍ୟାନଦେଓ ଖିଲାରୀଙ୍କ ଭଳି ଆଇପିଏସ୍ ଅଧିକାରୀଙ୍କ ବଦଳି ହୋଇଛି। ଏହା ଭିତରେ ପଞ୍ଚମ ଏସ୍‌ପି ଭାବେ କିଛି ମାସ ତଳେ ଯୋଗ ଦେଇଛନ୍ତି ଆଇପିଏସ୍ ବାତୁଳ ଗଙ୍ଗାଧର। ସେହିପରି ୭ ଜଣ ଅତିରିକ୍ତ ଜିଲ୍ଲାପାଳ; ଗଙ୍ଗାଧର ନାୟକ, ବ୍ରଜବନ୍ଧୁ ଭୋଳ, ବିକୋନନ୍ଦ ସାହୁ, ପି.ଅନ୍ୱେଷା ରେଡି (ଆଇଏଏସ୍), ପ୍ରକାଶ କୁମାର ବେହେରା, ସୁଚାରୁ କୁମାର ବଳ, ହେମନ୍ତ ସିଂଙ୍କର ବଦଳି ହୋଇଛି। ଉପଜିଲ୍ଲାପାଳ ଜ୍ୟୋତିରଞ୍ଜନ ପରିଡ଼ା, ଅବ୍‌ଦୁଲ ଅଖତାର, ପି.ଅନ୍ୱେଷା ରେଡି ଓ ଅନ୍ୟା ଦାସ (ଆଇଏଏସ୍) ଅନ୍ୟ ଜିଲ୍ଲାକୁ ବଦଳି ହୋଇ ଯାଇଛନ୍ତି। ବସନ୍ତ କୁମାର ସେଠୀଙ୍କ ପରେ ନିକଟରେ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି ଈଶ୍ୱର ନାୟକ। ହେଲେ ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇଥିଲେ ବି, କାହା ଆଶୀର୍ବାଦରୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଚୌକି ସୁରକ୍ଷିତ ଅଛି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ। ଆଗକୁ ନିର୍ବାଚନ ଥିବାରୁ ନିୟମ ଅନୁଯାୟୀ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିଏ ଜିଲ୍ଲାରେ ଥିବା ପ୍ରଶାସନିକ ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟା ଚାଲିଛି। ହେଲେ ଜିଲ୍ଲାପାଳଙ୍କୁ ହାତ ମାରୁନାହାନ୍ତି ସରକାର।

## ୧.୦୧ ଲକ୍ଷ କୋଟି ଟଙ୍କାର ...

ନିଯୁକ୍ତି ସୁଯୋଗ ମିଳିପାରିବ । ଆଭଡ଼ା ଇଲେକ୍ଟ୍ରୋ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୧୧୩୦୦କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାର ହଳଦିଆପଡ଼ାଠାରେ ଗ୍ରୀନ୍ ଏନର୍ଜି ଉପକରଣ ଆଦି ନିର୍ମାଣ କରିବ । ଏଥିରେ ୪ହଜାର ଲୋକଙ୍କୁ ନିଯୁକ୍ତି ମିଳିପାରିବ । ବର୍ଗର ପେଂଟସ୍ ଦ୍ୱାରା ୧୪୫୮କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାରେ କେମିକାଲ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୩୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଏଲଆଣ୍ଡଟି ଗ୍ରୀନ୍ ଏନର୍ଜି ଦ୍ୱାରା ୧୦୩୦ କୋଟି ଟଙ୍କା ବ୍ୟୟରେ ଜଗତସିଂହପୁରର ପାରାଦୀପଠାରେ, ଇଣ୍ଡିଆନ ଅଏଲ କର୍ପୋରେସନ୍ ଦ୍ୱାରା ୪୩୭୭କୋଟି ଟଙ୍କା ବ୍ୟୟରେ ଭଦ୍ରକର ଭଣ୍ଡାରୀପୋଖରୀଠାରେ, ପେଟ୍ରୋନେଟ୍ ଏଲଏନଜି ଦ୍ୱାରା ୨୩୦୬କୋଟି ଟଙ୍କା ବ୍ୟୟରେ ଗୋପାଳପୁରଠାରେ, ତୋଷାଳୀ ସିମେଂଟ ଦ୍ୱାରା ୧୩୮୩କୋଟି ଟଙ୍କା ବ୍ୟୟରେ କୋରାପୁଟର ଆମ୍ବାଭ୍ୟାଲିଠାରେ ପ୍ରକଳ୍ପ ସ୍ଥାପନ କରିବାକୁ ଆଜି ହାଇଭେଲଲ୍ କ୍ଲିଅରାନ୍ସ ଅଥରିଟି ଅନୁମୋଦନ କରିଛନ୍ତି ।

## ମିଛ ଖବରରେ....

ମନିଟାଇଜେସନ୍ ଓ ସବ୍‌କ୍ରିପ୍ସନ୍ ବଢ଼ାଇବା ପାଇଁ ଏମିତି ମିଛ ଖବର ଦିଅନ୍ତୁ ନାହିଁ। ଆଗରୁ ମଧ୍ୟ ଏହିଭଳି ମିଛ ଖବର ଆସିଛି। କେବଳ ମୋର ନୁହେଁ, ଅନ୍ୟମାନଙ୍କ ନାଁରେ ଆସିଛି। ମୋର ଅନୁରୋଧ ସଠିକ୍ ଢଙ୍ଗରେ ଖବର ପ୍ରସାରଣ କରନ୍ତୁ। କାହାର ଦେହ ଖରାପ ଅଛି କହି ମିଛ ଖବର ଦିଅନ୍ତୁ ନାହିଁ। ଆଜି ଏହି ଖବର ଯୋଗୁ ମୋ ପାଖକୁ ବହୁ ଲୋକ ଫୋନ୍ କରୁଛନ୍ତି। ଘର ଲୋକଙ୍କୁ ବି ଫୋନ୍ ଆସୁଛି। ଆମେ ଫୋନ୍ ଆଟେଣ୍ଡ କରି କରି ଥକି ଗଲୁଣି।ଏଣୁ ଏଭଳି ମିଛ ଖବର ଦେବା ଭଲ କଥା ନୁହେଁ।

## ଟେଣ୍ଡର ପରେ ଟେଣ୍ଡର...

ବିକ୍ରି କରିଥାଏ ମନ୍ଦିର ପ୍ରଶାସନ। ଚଳିତ ବର୍ଷ ଜିତେନ୍ଦ୍ର ନାରାୟଣ ଜେନା ନଡିଆ ଗୋଟା ପ୍ରତି ୪ ଟଙ୍କା ୬୫ ପଇସାରେ କିଣିବାକୁ ମନ୍ଦିର ପ୍ରଶାସନ ସହ ଚୁକ୍ତି କରିଥିଲେ। ହେଲେ କିଛି ମାସ ପରେ ସମସ୍ୟା ଦେଖାଦେବାରୁ ସେ ଟେଣ୍ଡରରୁ ଓହରି ଯାଇଥିଲେ। ତା'ପରଠୁ ମାନସିକ ନଡ଼ିଆ ନେବା ପାଇଁ ୪ ଥର ଟେଣ୍ଡର ଡ଼କାଗଲାଣି। ହେଲେ ଏଥିରେ କେହି ଅଂଶ ଗ୍ରହଣ କରୁନାହାନ୍ତି। ଯାହା ଫଳରେ ଏବେ ଗୋଦାମରେ ନଡ଼ିଆ ସଂଖ୍ୟା ୧୧ ଲକ୍ଷ ପାର କରିଛି। କିଛି ଦିନ ତଳେ ନଡିଆ ଗୋଟା ପ୍ରତି ୩ ଟଙ୍କା ୭୦ ପଇସାରେ ବିକ୍ରି କରିବାକୁ ଆହ୍ୱାନ ଦିଆଯାଇଥିଲା। କିନ୍ତୁ ଏହାକୁ କିଣିବାକୁ କେହି ରାଜି ହୋଇନଥିଲେ। ପୁଣି ନଡ଼ିଆ ଗୋଟାକୁ ୪ ଟଙ୍କା ୬୦ ପଇସାରୁ ନିଲାମ ଆରମ୍ଭ କରିବାକୁ ନୋଟିସ ମରାଯିବା ସହ ବିଜ୍ଞାପନ ଦିଆଯାଇଛି। ଯେଉଁଠି ୩ ଟଙ୍କା ୭୦ ପଇସାରେ କିଣିବାକୁ କେହି ରାଜି ହୋଇନଥିଲେ। ଏବେ ଲୋକେ କିପରି ୪ ଟଙ୍କା ୬୦ ପଇସାରେ କିଣିବେ ତାକୁ ନେଇ ବଡ଼ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ୧୦ ରୁ ୧୫ ହଜାର ମାନସିକ ନଡିଆ ମା'ଙ୍କ ମନ୍ଦିରକୁ ଆସିଥାଏ। ଏବେ ନଡିଆ ସଂଖ୍ୟା ୧୧ ଲକ୍ଷ ଡେଇଁଲାଣି। ତୁରନ୍ତ ନିଲାମ ନହେଲେ ଏସବୁ ଗୋଦାମ ଗୃହରେ ପଡି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଯାହାକି ଭକ୍ତଙ୍କ ଭାବନା ଓ ବିଶ୍ୱାସ ପ୍ରତି ବଡ଼ କୁଠାରଘାତ ହେବ ବୋଲି ମତପ୍ରକାଶ ପାଇଛି।

# ଅରବିନ୍ଦ ମୁଦୁଲି ଫାଉଣ୍ଡେସନ ତରଫରୁ ସ୍ୱରାରବିନ୍ଦ ଉତ୍ସବ ଆୟୋଜିତ

## ୬୧ ତମ ଜନ୍ମତିଥିରେ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ଅର୍ପଣ




ଭୁବନେଶ୍ୱର, ୧୧/୦୯ (ନି.ପ୍ର): ସ୍ୱରାରବିନ୍ଦ ଅରବିନ୍ଦ ମୁଦୁଲିଙ୍କୁ ତାଙ୍କର ୬୧ ତମ ଜନ୍ମତିଥି ଅବସରରେ ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ମହାର୍ଘ ମୁହୂର୍ତ୍ତ ଉପଲକ୍ଷେ ଅରବିନ୍ଦ ମୁଦୁଲି ଫାଉଣ୍ଡେସନ ( ଏ.ଏମ.ଏଫ) ତରଫରୁ ଆଭାସି ମଞ୍ଚରେ ଆୟୋଜିତ ସ୍ୱରାରବିନ୍ଦ ଉତ୍ସବରେ ଅରବିନ୍ଦ ମୁଦୁଲିଙ୍କର ବହୁ ପ୍ରଶଂସକ, ଅନୁଗାମୀ ଓ ଶୁଭେଚ୍ଛୁମାନେ ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିଥିବା ଦେଖା ଯାଇଥିଲା। ମହାସମାରୋହରେ ଅନୁଷ୍ଠିତ ଏହି ମହୋତ୍ସବର ଅଭୂତପୂର୍ବ ସଫଳତା, ପରଲୋକ ଗମନର ପାଞ୍ଚ ବର୍ଷ ବିତିଯାଇଥିବା ପରେ ମଧ୍ୟ ଓଡ଼ିଶାର ଜନମାନସରେ ଭଜନ ରାଜନ୍ ଶ୍ରୀ ମୁଦୁଲିଙ୍କର ବ୍ୟାପକ ଲୋକପ୍ରିୟତା ଏବେବି ଅତୁଟ ରହିଥିବାର ସ୍ପଷ୍ଟ ସୂଚନା ପ୍ରଦାନ କରିଥିଲା। ଏହି ଆଭାସି ସଭାରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ହୋ ଚି ମିନ୍ ଠାରେ ଅବସ୍ଥାପିତ ଭାରତୀୟ କନସଲ୍ ଜେନେରାଲ ଡଃ ମଦନ ମୋହନ ସେଠୀ, ସ୍ୱର୍ଗତଃ ଅରବିନ୍ଦ ମୁଦୁଲିଙ୍କର ଗାୟନ ଶୈଳୀ ଖୁବ ଭାବଗର୍ଭକ ଏବଂ ମାନସ ରୋମନ୍ଥନକାରୀ ବୋଲି ସୂଚାଇ ତାଙ୍କର ଅମର ଆତ୍ମା ପ୍ରତି ଭବ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାନବେରାସ୍ଥିତ ହିନ୍ଦୁ ମନ୍ଦିରର ସମ୍ପାଦକ ଓ ଲିଭିଂବ୍ଲିସ୍ ର ପ୍ରତିଷ୍ଠାତା ତରୁଣ ଅଗସ୍ତି, ଅରବିନ୍ଦ ମୁଦୁଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ ବୋଲି ଦର୍ଶାଇ ବଡ ଠାକୁରଙ୍କ ଅସୀମ କୃପାରୁ ସେ ଅରବିନ୍ଦ ମୁଦୁଲି ଫାଉଣ୍ଡେସନ ସହିତ ଯୋଡି ହେବାର ପରମ ସୌଭାଗ୍ୟ ଅର୍ଜନ କରିଛନ୍ତି ବୋଲି କହିଥିଲେ। ବିଶିଷ୍ଟ କବି ଓ ଏ.ଏମ.ଏଫ ର ଉପଦେଷ୍ଟା ଶରତ ଦାସ, ଭଜନ ସମ୍ରାଟ ଭିକାରୀ ବଳଙ୍କ ପରେ ଯଦି କୌଣସି ଗାୟକ ଶ୍ରୋତା ମାନଙ୍କର ହୃଦୟକୁ ଭକ୍ତି ସାଗରରେ ଭସାଇ ଦେବାକୁ ସକ୍ଷମ ହୋଇଥିଲେ, ସେ କେବଳ ସ୍ୱରାରବିନ୍ଦ ଅରବିନ୍ଦ ମୁଦୁଲି ଥିଲେ ବୋଲି ଉଲ୍ଲେଖ କରି ଭକ୍ତି ସଙ୍ଗୀତ କ୍ଷେତ୍ର ପ୍ରତି ତାଙ୍କର ବଳିଷ୍ଠ ଅବଦାନ ଅତୁଳନୀୟ ବୋଲି ଦର୍ଶାଇଥିଲେ। ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ଡଃ ଅରୁଣ ପ୍ରହରାଜ ଓଡ଼ିଶାର ଉତ୍କୃଷ୍ଟ କଳା ଓ ଜଗନ୍ନାଥଙ୍କର ଶାଶ୍ୱତ ସଂସ୍କୃତିକୁ ପୁରା ପୃଥିବୀରେ ପ୍ରଚାର ଓ ପ୍ରସାର କରିବାରେ ଅରବିନ୍ଦ ମୁଦୁଲି ଫାଉଣ୍ଡେସନ ପ୍ରଭାବଶାଳୀ ଭୂମିକା ନିର୍ବାହ କରୁଥିବା ଦର୍ଶାଇ ଏ.ଏମ.ଏଫକୁ ସାଧୁବାଦ ଜଣାଇବା ସହିତ ଏହାର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଅରବିନ୍ଦ ମୁଦୁଲି ଜଣେ ମହାନ ଓ ମହନୀୟ ସଙ୍ଗୀତଜ୍ଞ ଥିଲେ ବୋଲି ସୂଚାଇ ତାଙ୍କର ଅସାଧାରଣ ପ୍ରତିଭା ଓ ଆକାଶଚୁମ୍ବି ପାରଦର୍ଶୀତାର ସ୍ୱର୍ଣ୍ଣାଭ ପରମ୍ପରାକୁ ଏ.ଏମ.ଏଫ ଏବଂ ତାଙ୍କର ଦୁଇ ଯୋଗ୍ୟ ଦାୟାଦ ଜଗବନ୍ଧୁ ଓ କୃପାସିନ୍ଧୁ ବଜାୟ ରଖିବା ସହିତ ଏହାକୁ ଅଧିକ ପରିପୁଷ୍ଟ କରିବେ ବୋଲି ଦମ୍ଭ ପ୍ରକାଶ କରିଥିଲେ। ସିଙ୍ଗାପୁର ସ୍ଥିତ ଓଡ଼ିଆ ସମାଜ ର ସଭାପତି ସୁବ୍ରତ ନାୟକ, ସ୍ୱର୍ଗତଃ ଅରବିନ୍ଦ ମୁଦୁଲିଙ୍କର ସିଙ୍ଗାପୁର ଭଜନ କାର୍ଯ୍ୟକ୍ରମ ଜନସାଧାରଣରେ ସଦାସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରି ଏ.ଏମ.ଏଫକୁ ସବୁପ୍ରକାର ସାହାଯ୍ୟ ଓ ସହଯୋଗ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ୟୁ.କେ ଶ୍ରୀ ଜଗନ୍ନାଥ ସୋସାଇଟିର ଅଧ୍ୟକ୍ଷ ଡ଼ଃ ସହଦେବ ସ୍ୱାଇଁ, ସ୍ୱର୍ଗତଃ ମୁଦୁଲିଙ୍କର ଯାଦୁଗରି ସ୍ୱର ଏବଂ ମର୍ମସ୍ପର୍ଶୀ ଲୟ ଚୀର କାଳ ପାଇଁ ତାଙ୍କୁ ଅମର କରି ରଖିଥିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାପାନ ଓଡ଼ିଆ ସମ୍ପ୍ରଦାୟର ସଭାପତି ପ୍ରତିମା ବେହେରା, ବ୍ୟାସଦେବ ନାୟକ, କୃପାନିଧି ବିଶ୍ୱାଳ, ଆମେରିକାରୁ ନୀଳମାଧବ ବିଷୋୟୀ ଓ ଡଃ ଦେବାଶିଷ ଭଟ୍ଟାଚାର୍ଯ୍ୟ ପ୍ରମୁଖ ସ୍ୱର୍ଗତଃ ମୁଦୁଲିଙ୍କର ସାଙ୍ଗୀତିକ ସ୍ମୃତି ପ୍ରତି ଭବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟାର କଳାକାର ମାନଙ୍କ ଦ୍ୱାରା ସ୍ୱରାରବିନ୍ଦଙ୍କର କାଳଜୟୀ ଲୋକପ୍ରିୟ ଭକ୍ତି ସଙ୍ଗୀତ ଗୁଡ଼ିକର ପରିବେଷଣ ଥିଲା। ସ୍ୱର୍ଗତଃ ମୁଦୁଲିଙ୍କର ପଟ୍ଟଶିଷ୍ୟ ଯଥା ପୂର୍ଣ୍ଣଚନ୍ଦ୍ର ସାହୁ, ସୋନୁ ତ୍ରିଲୋଚନ ଦାସ, ଯୁଧିଷ୍ଠିର ଖୁଣ୍ଟିଆ, କେଳୁଚରଣ ମୁଦୁଲି, ରୋହିତ ପ୍ରଧାନ ଓ ବିଶ୍ୱରଂଜନ ଆଦି କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଗୋଟିଏ ପରେ ଗୋଟିଏ ହୃଦୟସ୍ପର୍ଶୀ ଭଜନ ପ୍ରସ୍ତୁତି ସମଗ୍ର ପରିବେଶକୁ ଭକ୍ତି ଆଚ୍ଛାଦିତ କରିବା ସାଙ୍ଗକୁ ଶ୍ରୋତା ମାନଙ୍କୁ ଐଶ୍ୱରିକ ଅମୃତ ଆନନ୍ଦ ଆସ୍ୱାଦନ କରିବାର ସୁଯୋଗ ସୃଷ୍ଟି କରିଥିଲା। ଗାୟକ ମାନଙ୍କୁ ତବଲାରେ ସ୍ୱରାରବିନ୍ଦଙ୍କର ସୁଦକ୍ଷ ସନ୍ତାନ ଜଗବନ୍ଧୁ ମୁଦୁଲି, ଢ଼ୋଲରେ ସୁରେଶ ଦଳାଇ ଓ ମଳୟ କୁମାର ଦାସ, ଅକ୍ଟୋପ୍ୟାଡରେ ପଦ୍ମଚରଣ ସାହୁ, କିବୋର୍ଡ଼ ରେ ମଧୁସୂଦନ ରଥ ଏବଂ ବଂଶୀରେ ସୀମାଦ୍ରି ରାଓ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

# ୨୦ତମ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୧/୦୯ (ନି.ପ୍ର): ସ୍ଥାନୀୟ ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ସୋମବାର ସନ୍ଧ୍ୟାରେ ୨୦ତମ 'ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା' ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବୟନିକା ଦ୍ୱାରା ଆୟୋଜିତ ଏହି ମେଳାକୁ ଉଦ୍‌ଘାଟନ କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ଭାରତର ସମସ୍ତ ବୟନ କଳାକୁ ଗୋଟିଏ ସ୍ଥାନୀୟରେ ପ୍ରଦର୍ଶିତ କରାଇବା ତଥା ଏହାର ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରି ଏଥିରେ ସଂପୃକ୍ତ ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏପରି ମେଳାର ଆୟୋଜନ ବିଶେଷ ଗୁରୁତ୍ୱ ବହନ କରେ। ଏହି ଅବସରରେ ପ୍ରସ୍ତର ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିବାବେଳେ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଏହି ମେଳାରେ ୧୭୦ଟି ଷ୍ଟଲ ଖୋଲାଯାଇଛି। ଉତର ପ୍ରଦେଶ, ଜାମ୍ମୁକାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ହରିୟାନା, ପୁଡୁଚେରୀ ଏବଂ ଓଡ଼ିଶାର ବିଭିନ୍ନ ସଂସ୍ଥା/ସମିତି ଏହି ମେଳାରେ ଅଂଶଗ୍ରହଣ କରି ସେମାନଙ୍କର ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଓ ପରିଧାନର ପ୍ରଦର୍ଶନ ଏବଂ ବିକ୍ରୟ କରୁଛନ୍ତି।

# ପୁଣି ନୀଳଗିରିରେ ମାତିଲେଣି ଏଟିଏମ ଲୁଟେରା ଗ୍ୟାଂଗ

ନୀଳଗିରି , ୧୧/୦୯ (ନି.ପ୍ର): ପୁଣି ମାତିଲେଣି ଲୁଟେରା ଗ୍ୟାଂଗ । ନୀଳଗିରି ଥାନା ଅଧିନ ସଜନାଗଡ ବଜାର ଏସବିଆଇ ଏଟିଏମରୁ ଲୁଟ ଉଦ୍ୟମ । ସୂଚନା ନୀଳଗିରି ଥାନା ଅଧୀନ ସଜନାଗଡ଼ ବଜାରର ଏସବିଆଇଏଟିଏମରେ ସବୁଦିନ ଭଳି ରବିବାର ରାତ୍ର ୧୦ଘଟିକା ସମୟରେ ଏଟିଏମ୍ ଦାୟିତ୍ୱରେ ଥିବା ସି.ଏମ.ଏସ ର ଜୈନିକ କର୍ମଚାରୀ ଶଟର ବନ୍ଦ କରିଥିଲେ। ସୋମବାର ସକାଳ ୫ଟା ପରେ ସଟର ଖୋଲି ଦେଇ ପଳାଇଥିଲେ। ୬ଟା ସମୟରେ ୪ଜଣ ଲୁଟେରା ଏକ ଚାରିଚକିଆ ଗାଡିରେ ଆସି ଏଟିଏମ୍ ଭିତରେ ପଶି ଭିତର ତାଲା ଭାଙ୍ଗି ଟଙ୍କା ନ ନେଇ ପାରି ବ୍ୟାଟେରୀ ଚୋରି କରି ଫେରାର ମାରିଥିଲେ । କିଛି ସମୟ ପରେ ଚାବି ଭାଗିଂ ବ୍ୟାଟେରି ଚୋରି ହୋଇଥିବା ଟଙ୍କା ଉଠାଇବାକୁ ଆସୁଥିବା ଲୋକେ ଦେଖିବା ପରେ ଦାୟିତ୍ୱରେ ଥିବା ସି.ଏମ.ଏସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାଟେରୀ ଚୋରି ହୋଇଥିବା ଓ ଏଟିଏମର ଟଙ୍କା ବାକ୍ସ କିନ୍ତୁ ସୁରକ୍ଷିତ ଥିବା ତାଙ୍କର ଅଧିକାରୀଙ୍କୁ ଜଣାଇଥିଲେ । ପରେ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ କରୁଥିବା ସୂଚନା।




# ସମଗ୍ର କୁଡୁମୀ ସମାଜର ସ୍ୱାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ବାରିପଦା, ୧୧/୦୯ (ନି.ପ୍ର): ବାରିପଦା ସ୍ଥିତ ସ୍ୱାଗତିକା ହୋଲ ଠାରେ ପ୍ରେସ ମିଟ ମାଧ୍ୟମରେ ମୟୂରଭଞ୍ଜର ସମସ୍ତ କୁଡୁମି ସଂଗଠନ ଏକତ୍ରିତ ହୋଇଥିଲେ। ଓଡ଼ିଶା ସରକାରଙ୍କ ଚିଠି ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନୋ - ୩୭୩୨/ ଡିଡବ୍ଲ୍ୟୁଓ ମୟୂରଭଞ୍ଜ ତା ୨୨/୦୮/ ୨୦୨୩ରେ ସମସ୍ତ ତହସିଲଦାର ମାନଙ୍କୁ କୁଡୁମି ଜନଜାତିର ସର୍ଭେ କରି ସାତଦିନ ଭିତରେ ସର୍ଭେ ରିପୋର୍ଟ୍ ରାଜ୍ୟସରକାରଙ୍କୁ ଦେବେ। ଯଦି ଏହାର ବ୍ୟତିକ୍ରମ ହୁଏ ଆଗାମୀ ୨୦/୦୯/୨୦୨୩ ଦିନ ସମଗ୍ର ମୟୂରଭଞ୍ଜ କୁ ବନ୍ଦ କରାଯିବ। ଓଡ଼ିଶାର ସମସ୍ତ କୁଡୁମି ସଂଗଠନ ଏଥିରେ ସାମିଲ ହେବେ। ସମସ୍ତ ସଂଗଠନକୁ ନେଇ ଏକ କୁଡୁମି ଏକତା ମଞ୍ଚ ଗଠନ କରାଗଲା। ସର୍ବ ଭାରତୀୟ ଆଦିବାସୀ କୁଡୁମି ସମାଜ ତରଫରୁ ସେପଟ୍ମେର ୨୦ ତାରିଖ ରେ ଯେଉଁ ରେଲ ରୋକ୍ ହେବ ତାହା ଓଡ଼ିଶାରେ ମଧ୍ୟ ହେବ । ମୟୂଭଞ୍ଜର ଭଞ୍ଜପୁର ଏବଂ କେଉଁଝର ର ହରିଚନ୍ଦନପୁର ଷ୍ଟେସନରେ ପାଳନ କରାଯିବ। ସାଲଖାନ୍ ମୁର୍ମୁ ଙ୍କ ସେଙ୍ଗେଲ ଅଭିଯାନ ସଂଗଠନ ଦ୍ୱାରା ଦିଆଯିବା ବିବୃତି ଏବଂ କାର୍ଯ୍ୟକଳାପକୁ ଦୃଢ ନିନ୍ଦା କରାଗଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ କୁଡୁମି ସମାଜର ସଭାପତି ଡ଼ା. ମନୋଜ କୁମାର ମହାନ୍ତ, କେନ୍ଦ୍ରୀୟ ଉପ ସଭାପତି ବସନ୍ତ କୁମାର ମହାନ୍ତ , କେନ୍ଦ୍ରୀୟ ଉପଦେଷ୍ଟା - ପଦ୍ମଲୋଚନ ମହାନ୍ତ ଜିଲ୍ଲା ସମ୍ପାଦକ ମେଘନାଦ ମହାନ୍ତ ଓଡ଼ିଶା କୁଡୁମୀ ସେନା ର ରାଜ୍ୟ ସଭାପତି ଦିବ୍ୟ ସିଂ ମହାନ୍ତ। ସମ୍ପାଦକ ଦୁର୍ଗାଚରଣ ମହାନ୍ତ ଆଦିମ୍ କୁଡୁମୀ ସଭାପତି ପଦ୍ମଲୋଚନ ମହାନ୍ତ ଆଦି ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହା ପରେ ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ ଧନ୍ୟ ବାଦ ଦେଇ ସଭା ସାଙ୍ଗ କରି ଥିଲେ।

# ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ 'ସନ୍ଥକବି ଭୀମଭୋଇ' ଗ୍ରନ୍ଥ ଲୋକାର୍ପିତ




ବାଲେଶ୍ୱର, ୧୧/୦୯ (ନି.ପ୍ର): ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ସନ୍ଥକବି ଭୀମଭୋଇ' ରବିବାର ସନ୍ଧ୍ୟାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି । ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଗବେଷକ ଡ. କୁଞ୍ଜବିହାରୀ ଧଳ ଆଲୋଚକ ଭାବେ ଯୋଗ ଦେଇ ପୁସ୍ତକଟିକୁ ଆଲୋଚନା କରିବା ପରିପ୍ରେକ୍ଷୀରେ କହିଲେ ଯେ ସନ୍ଥକବି ଭୀମଭୋଇଙ୍କ ଜଗତକଲ୍ୟାଣ ଭାବନା ଓ ମାନବିକ ମୂଲ୍ୟବୋଧ ତାଙ୍କୁ କେବଳ ଜଣେ ଦରଦୀ ମାନବବାଦୀ କବି ରୂପେ ପରିଚିତ କରିନାହିଁ, ବରଂ ତାଙ୍କୁ ବିଶ୍ୱର ଜଣେ ଶ୍ରେଷ୍ଠ ଆଦିବାସୀ କବି ଭାବେ ପ୍ରସିଦ୍ଧି ଆଣିଦେଇଛି। ଲେଖକ ଡ. ମହାନ୍ତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଶେଷବକ୍ତବ୍ୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

ମଙ୍ଗଳବାର, ସେପ୍ଟେମ୍ବର ୧୨, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୧୧/୦୯ (ନି.ପ୍ର): ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଜୀଙ୍କ ୭୫ ତମ ଶୁଭ ଜନ୍ମଦିନ ପାଳନ ସହିତ ତାଙ୍କର ନାତୁଣୀ ମୁନି କୁମାରୀ ଦୀକ୍ଷା ପ୍ରିୟଦର୍ଶିନୀଙ୍କର ୯ମ ଶୁଭ ଜନ୍ମଦିନ,ଏକ ସଙ୍ଗରେ, ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଥିଲେ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଳତା ବେହେରା ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର । ମୁନିରାଜ୍ଞୀ ବିମଳା ଲେଙ୍କା, ଶକୁନ୍ତଳା ପରିଡ଼ା, ବାସନ୍ତୀ ମହାଳିକ, ସୁମତୀ ଦଲାଇ, ଇତ୍ୟାଦି ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ । ମୁନିମତୀ ଫୁଲମଣୀ ବେହେରା, ଜାହ୍ନବୀ ଗିରି, ମୁନିରାଜ ଅନାଦି ବାରିକ,ମୁନି ଧିରୋଜ ବିଶ୍ୱାଳ, ମୁନି ଚିତ୍ତରଞ୍ଜନ ବର, ମୁନିମତୀ ମାଳତୀ ବେହେରା , ଯମୁନା ପାତ୍ର, ରମଣୀ ପାତ୍ର, ସୁମତୀ ବେହେରା , ନିନ ସାହୁ, ଯମୁନା ବର, ପ୍ରଭାସିନୀ ବର, ମୁନି ସୁଦର୍ଶନ ବର, ଗଣେଶ୍ୱର ମୁନି, ଶଶଧର ମୁନି ଇତ୍ୟାଦି ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ,ଯୋଗୀ ପରମାନନ୍ଦ ମୁନି ଜୀ ଙ୍କୁ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଯେ କେହି ମୁନି ସମାଜର ଯମ,ନିୟମ ପାଳନ ସହିତ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ,ସେ ନିଶ୍ଚୟ ସୁଖ ଶାନ୍ତି ଆନନ୍ଦରେ ରହିବା ସହିତ ଆତ୍ମ ସାକ୍ଷାତ୍ କାର କରି ପାରିବ ବୋଲି ସମସ୍ତେ ପ୍ରକାଶ କରିଥିଲେ । ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଲେଖିକା ପୁଷ୍ପାଞ୍ଜଳି କରଙ୍କର ଦୁଇଗୋଟି ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର , ୧୧/୦୯ (ନି.ପ୍ର): ଆଜି ସନ୍ଧ୍ୟାରେ ବୁଧମନ୍ଦିର ପରିସର ମଧ୍ୟରେ ଲେଖିକା ପୁଷ୍ପାଞ୍ଜଳି କର ଙ୍କର ଦୁଇଗୋଟି ପୁସ୍ତକ 'ପଥ ଅସରନ୍ତି '(ଉପନ୍ୟାସ )ଓ 'ପ୍ରକୃତିର କେବେରୂପ '(ଭ୍ରମଣ କାହାଣୀ ) ର ଶୁଭ ଉନ୍ମୋଚନ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଏଇ ପୁସ୍ତକ ଦୁଇଟିର ଉନ୍ମୋଚନ ଅବସରରେ ପ୍ରାରମ୍ଭରେ ବନୋଜ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥି ଭାବରେ ବିଶିଷ୍ଟ କଥାକର ଅଜୟ ସ୍ୱାଇଁ, ଗୌରହରି ଦାସ ଏବଂ କାଦମ୍ବିନୀ ର ସମ୍ପାଦିକା ଇତି ସାମନ୍ତ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟିକ ପାଣିପାଗ ଓ ପୁଷ୍ପାଞ୍ଜଳି କର ଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ । ଜଗନ୍ନାଥାଷ୍ଟକ ଗାୟନ ରୁ କାର୍ଯ୍ୟକ୍ରମ ର ଆରମ୍ଭ ହୋଇଥିଲା । ଆଲୋଚନା ମାଧ୍ୟମରେ ଗୌରହରି ଦାସ କହିଲେ ଓଦାପଣ ନଥିଲେ ଜୀବନ ଜୀବନ ହୁଏନା । ସାହିତ୍ୟ ଜୀବନକୁ ଓଦାପଣ ଦିଏ ଠିକ ବର୍ଷା ମାଟିକୁ ଓଦା କଲା ପରି । ଏହି ଉତ୍ସବ ରେ ପ୍ରଫେସର ଆଦିକନ୍ଦ ସାହୁ, ଲେଖିକା ବନଜ ଦେବୀ, ପ୍ରବୀଣା ମହାନ୍ତି, ସୂଚନା କମିଶନର ଦିଲ୍ଲୀପ ବିସୋୟୀ, ଅଜୟ ମହାପାତ୍ର, ଡ ରଜନୀ ରଞ୍ଜନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

# ନକଲି ଗ୍ୟାସ ଏଜେନ୍ସି ସାଜି ଲୁଟୁ ଥିଲେ ଗ୍ରାହକଙ୍କୁ: ପୋଲିସକୁ ଜିମା ଦେଲେ ଲୋକେ



ନୀଳଗିରି , ୧୧/୦୯ (ନି.ପ୍ର): ନିଳଗିରିରେ କିଛି ଦିନ ଧରି ନକଲି ଟଙ୍କା, ନକଲି ହନୁମାନ ପଇସା, ନକଲି ମଦ କାରବାର ଦେଖିବାକୁ ମିଳୁଥିବା ବେଳେ ଏବେ ନକଲି ଗ୍ୟାସ ଏଜେନ୍ସି ସାଜି ଗ୍ରାହକଙ୍କୁ ଲୁଟୁଥିବାବେଳେ ଶେଷରେ ଧରାପଡ଼ି ହଟହଟା ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ଉଠାଇ ନେଇଛି । ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ କାହାଳିଆ ଗ୍ରାମର କମଳା ଦାସ ର ପୁଅ ମୁନା ଦାସ କିଛି ଦିନ ଧରି ନକଲି ଗ୍ୟାସ ଏଜେନ୍ସି ସାଜି ଗ୍ରାହକଙ୍କୁ ଲୁଟି ଚାଲିଥିଲା । ମିରିଗିଣି ଗ୍ରାମର ଭାଗିରଥୀ ବିଶ୍ୱାଳ ଗତ ୫ ତାରିଖରେ ଗ୍ୟାସ ଟାଙ୍କି ନେବା ପାଇଁ ଭାରତ ଗ୍ୟାସ ନିକଟକୁ ଆସିଥିବା ବେଳେ ମୁନା ଦାସ ଟଙ୍କା ଦେଇ କଣ ପାଇଁ ଗ୍ୟାସ ଟାଙ୍କି କିଣୁଛ, ଆପଣଙ୍କ ନାମରେ ମାଗଣାରେ ଟାଙ୍କି, ଚୁଲା, ନଗଦ ୩୮୦୦ ଟଙ୍କା ମିଳିବ ବୋଲି କହିବା ପରେ ଆଗ ୧୨୦୦ଟଙ୍କା ଦେଲେ ବୁକ୍ କରାଯିବ କହିବାରୁ ଭାଗିରଥି ମୋ ପାଖରେ ଟଙ୍କା ନାହିଁ ମୁଁ ଦେଇପାରିବି ନାହିଁ ବୋଲି କହିଥିଲେ । ଯଦି ଆପଣ ଆଜି ନ ଦଉଚ ତାହା ହେଲେ ନାମ କଟିଯିବ ବୋଲି କହିବାରୁ ଶେଷରେ ଧାର କରି ୧୨୦୦ ଟଙ୍କା ପକେଟ ରେ ରଖି ମୁନା ପାଖକୁ ଆସିବା କ୍ଷଣି ମୁନା ଝାମ୍ପି ନେଇ ଫେରାର ହୋଇ ଯାଇଥିଲା । ବହୁ ଖୋଜା ଖୋଜି ପରେ ବି ମୁନା ଦେଖା ପାଇ ନଥିଲେ । ଆଜି ନୀଳଗିରି ମେଡ଼ିକାଲରେ ମୁନା ଅନୁରୂପ ଭାବେ ଗ୍ୟାସ ଦେବା ଆଳରେ ଗ୍ରାହକଙ୍କ ଠାରୁ ଆଧାର କାର୍ଡ ମାଗୁଥିବା ବେଳେ ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଭାଗିରଥୀ ବିଶ୍ୱାଳ ମୁନାକୁ ଦେଖି କାବୁ କରିଥିବା ବେଳେ ଲୋକେ ମାଡ଼ ମାରି ପୋଲିସକୁ ଖବର ଦେବା ପରେ ପୋଲିସ ଉଠାଇ ନେଇ ଥିଲା । ଶ୍ରୀ ବିଶ୍ୱାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ ଜାରି ରଖିଛି ।

# ଭଣ୍ଡାରିପୋଖରୀ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ଭଦ୍ରକ, ୧୧/୦୯ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୮୮ ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୮୩ ଟି ବ୍ୟକ୍ତିଗତ ସମସ୍ୟା ଓ ୫ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ସାମାଜିକ ସୁରକ୍ଷା ଯୋଜନାରେ ମାଳଦା ଗ୍ରାମପଞ୍ଚାୟତର ରବୀନ୍ଦ୍ର ଦାସଙ୍କୁ ନୂତନ ଭାବେ ମଞ୍ଜୁର କରାଯାଇଥିବା ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଆବାସ ଯୋଜନା, ଭତ୍ତା, ରେସନକାର୍ଡ଼, ପୋଲ ନିର୍ମାଣ, ରାସ୍ତା, ଯୋଗ୍ୟତା ଅନୁଯାୟୀ ପାର୍ଟଟାଇମ୍ ନିଯୁକ୍ତି ଆଦି ବିଭିନ୍ନ ବିଭାଗୀୟ ଓ ସାଧାରଣ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ସଂପୃକ୍ତ ଜିଲ୍ଲା ଓ ଉକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ଖଇରା କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ




ଖଇରା, ୧୧/୦୯ (ନି.ପ୍ର): ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଖଇରା କଲେଜରେ ସରକାରଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମ "ମୁଁ ବି ମିତା" ଅନୁଷ୍ଠିତ ହୋଇ ଯାଇଛି । ଭୋଟର ସଂଶୋଧନ ଦାୟିତ୍ୱରେ ଥିବା ଶିକ୍ଷକ ଭରତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ଶିବିରରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ଉତ୍ତମ କୁମାର ଜେନା,କଲେଜ ଅଧ୍ୟକ୍ଷ ଅରୁଣ କୁମାର ପାଢୀ ଯୋଗ ଦେଇ ୨୦୨୪ଜାନୁଆରୀ ୧ସୁଦ୍ଧା ୧୮ବର୍ଷରେ ପଦାର୍ପଣ କରୁଥିବା ଛାତ୍ରୀଛାତ୍ର ଏହି ପ୍ରକ୍ରିୟାରେ ଭାଗିଦାରୀ ସାଜି ଗଣତନ୍ତ୍ରକୁ ଅଧିକ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ । ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ ଭୋଟର ହେଲ୍ପ ଲାଇନ ଆପରେ ପଞ୍ଜିକରଣ କରିବା ପଦ୍ଧତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଗ୍ରାମ ପଞ୍ଚାୟତ ଅଧୀକାରୀ ଆଶିଷ କୁମାର ଜେନା ଓ ସିଆରସିସି ଲକ୍ଷ୍ମଣ କୁମାର ସେନ,ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସ୍ତରରେ ମୁଁ ବି ମିତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀ କାଜଲ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଲୋଚନା ଚକ୍ର



ଲଙ୍ଗଳେଶ୍ୱର:୧୧/୯(ନିପ୍ର) ତାପଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ମାଆ ମାନଙ୍କୁ ଆହ୍ୱାନ କରି ସରକାରଙ୍କ ଯୋଜନା ମୁତାବକ ' ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ' ବିଷୟକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ବିକର୍ତ୍ତନ ରାଉତ , ପରମାନନ୍ଦ ଦେ, ରଞ୍ଜନ କୁମାର ନନ୍ଦୀ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ଏଥିରେ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷାଧିକାରୀ ଭଗିରଥ ଗିରି,ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ଦୀନେଶ କୁମାର ଗିରି ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । କୋମଳ ମତି ଛୋଟ ଛୋଟ ପିଲା ମାନଙ୍କ ମଧ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପଦକ୍ଷେପକୁ ସମସ୍ତେ ସ୍ୱାଗତ ଜଣାଇ ଥିଲେ । ଛୋଟ ଛୋଟ ପିଲା ମାନଙ୍କ ଶିକ୍ଷା ମାନସିକ ଦକ୍ଷତା ର ଅଭିବୃଦ୍ଧି ପାଇଁ ମାଆ ଓ ଶିକ୍ଷୟତ୍ରୀ ଙ୍କ ସଂଯୋଗ ରେ ରହିବା ସହିତ ପ୍ରତିଦିନ ସ୍କୁଲକୁ ପଠାଇବା ପାଇଁ ଅନୁରୋଧ କରିଥିଲେ । ଦାୟିତ୍ୱରେ ଥିବା ଶିକ୍ଷୟତ୍ରୀ ଉପକରଣ ଓ ଅଭିନୟ ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ ।

# କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣା: ୮କୋର୍ଟ ଚାଲାଣ

ଖଇରା, ୧୧/୦୯ (ନି.ପ୍ର): ଖଇରା ବ୍ଲକ ମାଟିଆଳପଦା କଲେଜ ର ୩ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟହାର ଏବଂ ତାକୁ ବିରୋଧ କରୁଥିବା ଗ୍ରାମବାସୀଙ୍କ ସହ ଗଣ୍ଡଗୋଳ ଘଟାଇବା ଅଭିଯୋଗରେ ଖଇରା ପୋଲିସ ୮ଜଣଙ୍କ ନାମରେ ଏକ ମାମଲା(୨୮୩/୨୩) ରୁଜୁ କରିବା ସହ ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରିଛି । ଚାଲାଣ ଅଭିଯୁକ୍ତ ମାନେ ହେଲେ ରାଣିତାଲ ଅଞ୍ଚଳର ବିକାଶ ଦାସ,ଜବଦଲପୁର ଗ୍ରାମର ରାକେଶ ଦାସ,ବାଉରିପଦା ଗ୍ରାମର ଇନ୍ଦ୍ରଜିତ ବାରିକ ଓ ଗୌରାଙ୍ଗ ଦାସ,ବଣା ଗ୍ରାମର କମଳାକାନ୍ତ ଦାସ,ଖଇରା ଥାନା ଟିପସଗଡିଆ ଗ୍ରାମର ସତ୍ୟଜିତ ଦାସ ଓ ସରୋଜ କୁମାର ଦାସ,ମଞ୍ଜୁରିପୁର ଗ୍ରାମର ସୌମ୍ୟରଞ୍ଜନ ସେନ । ୮ତାରିଖ ଦିନ ମାଟିଆଳପଦା କମଳାର୍ଜୁନ କଲେଜର ୩ଛାତ୍ରୀ ଘରକୁ ଫେରୁଥିବା ବେଳେ କଳିହା ଛକ ନିକଟରେ ସେମାନଙ୍କ ସହ ଦୁର୍ବ୍ୟହାର କରିବା ଓ ପରବ ୍ତୀ ସମୟରେ ଗ୍ରାମବାସୀ ମାନଙ୍କୁ ମାରପିଟ କରିବା ନେଇ ଲିଖିତ ଅଭିଯୋଗ ହୋଇଥିଲା ।

# ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସମ୍ବାଦଦାତା ସମ୍ମିଳନୀ

ନୀଳଗିରି , ୧୧/୦୯ (ନି.ପ୍ର): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରିବା ଜୋର ଧରିଛି । ପରାଧୀନ ଭାରତରେ ଓଡ଼ିଶାର ବୀରପୁତ୍ର ମାନେ ଦେଶ ସ୍ୱାଧୀନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତରେରାଜତନ୍ତ୍ରର ବିଲୋପ କରି ପ୍ରଥମ ଗଡଜାତ ରାଜ୍ୟ ଭାବେ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇ ଅନ୍ୟ ଗଡଜାତ ରାଜ୍ୟ ପାଇଁ ପଥପ୍ରଦର୍ଶକ ସାଜିଥିଲା । ତେବେ ମିଶ୍ରଣ ସମୟରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ମିଳିବ ବୋଲି ଚୁକ୍ତି ହୋଇଥିଲା । ଚୁକ୍ତି ଅନୁଯାୟୀ ନୀଳଗିରିକୁ ବିଶେଷ ଅଧିକାର ସ୍ୱରୂପ ଜିଲ୍ଲା ମାନ୍ୟତା ହକଦାର ବୋଲି ନୀଳଗିରି ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦୃଢ଼ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାର ନୂତନ ଜିଲ୍ଲା ଗଠନ ପ୍ରକ୍ରିୟାରେ ନୀଳଗିରିକୁ ଜିଲ୍ଲା ଗଠନ କରିବା ଦାବୀ ସରକାରଙ୍କ ପଟଳରେ ଥିବାରୁ କ୍ରିୟାନୁଷ୍ଠାନ କମିଟି ଖୁସି ବ୍ୟକ୍ତ କରିଛି । ମାତ୍ର ଯେତେ ଶୀଘ୍ର ଜିଲ୍ଲା ଘୋଷଣା କରାଗଲେ ଆଦିବାସୀ ଅଧ୍ୟୁଷିତ ନୀଳଗିରି ସ୍ୱତନ୍ତ୍ର କ୍ଷମତା ହାସଲ କଲେ ନୀଳଗିରି ଅଞ୍ଚଳରେ ବିକାଶ ହୋଇପାରିବ ବୋଲି ଉପସ୍ଥିତ ସଦସ୍ୟ ମାନେ ମତ ରଖିଥିଲେ । ଏନେଇ ଆଗାମୀ ୧୬ତାରିଖରେ ବିଶାଳ ଜନସମାବେଶ କରି ସରକାରଙ୍କ ଠାରେ ଦୃଢ଼ ଦାବୀ ରଖିବାକୁ କ୍ରିୟାନୁଷ୍ଠାନ କମିଟି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସୁରେଶ ଦାସ, ଆଇନଜୀବୀ ଦେବେନ୍ଦ୍ର ପଣ୍ଡା, ସୁରେଶ ବେହେରା, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷତ୍ତମ ସେଠୀ, ଗଦାଧର ପରିଡା, ନିହାର ପରିଡା, ଦାମୋଦର ବିଶ୍ୱାଳ, ମନୋରଞ୍ଜନ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବିଜ୍ଞାନ ମେଳାରେ ମନୀଷ ମୋନାଲିସା ପୁରସ୍କୃତ

ବାସୁଦେବପୁର, ୧୧/୦୯ (ନି.ପ୍ର): ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀ ମନୀଷ ମୋନାଲିସା ବାରିକ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ପୁରସ୍କୃତ ହୋଇଛନ୍ତି । ତାଙ୍କର ପିତା ଅମୁଲ୍ୟ ବାରିକ ରବର୍ଟ ହାଇସ୍କୁଲ ନରେନ୍ଦ୍ର ପୁରରେ ପ୍ରଧାନ ଶିକ୍ଷକ ଅଛନ୍ତି । ତାଙ୍କର ମାତା ନିବେଦିତା ବାରିକ । ବିଜ୍ଞାନ ମେଳାର ପ୍ରକଳ୍ପ ସୁରକ୍ଷିତ ବିଦ୍ୟାଳୟ ସୁନିଶ୍ଚିତ ଅଭିଭାବକରେ ସେ ସଫଳତା ପାଇଛନ୍ତି । ବିଦ୍ୟାଳୟ ସ୍ତରୀୟ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପୁରସ୍କାର ଲାଭ କରି ମନୀଷ ମୋନାଲିସା ବାରିକ ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ।ଏହି ଅବସରରେ ତାଙ୍କୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।



# ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଆଦି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ

## ପୁରୁଷ ବର୍ଗରେ ଦୁଃଖୁ ଟୁଡୁ ଏବଂ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ଚାମ୍ପିୟନ



ବାରିପଦା , ୧୧/୦୯ (ନି.ପ୍ର): ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଆଜି ମୟୂରଭଞ୍ଜ ଆଦିବାସୀ ମାରାଥନ ଉପକ୍ରମରେ ଆଦିରନ ନାମରେ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଓ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀଙ୍କ ବିକାଶର ବାର୍ତ୍ତା ନେଇ ଅନୁଷ୍ଠିତ ଏହି ମାରାଥନରେ ୧୫ବର୍ଷ ବୟସରୁ ୪୫ବର୍ଷ ବୟସ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗର ବ୍ୟକ୍ତି ବିଶେଷ ହଜାର ହଜାର ସଂଖ୍ୟାରେ ଅଂଶ ଗ୍ରହଣ କରିଛନ୍ତି । ଉକ୍ତ ମାରାଥନ ଆଜି ସକାଳ ୭ଟା ୩୭ମିନିଟରୁ ସ୍ଥାନୀୟ ଛଉ ପଡିଆ ଠାରେ ଶୁଭ ଉଦଘାଟିତ ହୋଇଯାଇଛି । ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରସିଦ୍ଧ କ୍ରୀଡାବିତ ତଥା ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତୀର୍କୀ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମାଝୀ, ମୋରଡା ବିଧାୟକ ରାଜକିଶୋର ଦାସ, ରାଜ୍ୟ ଜାତି, ଜନଜାତି, ସଂଖ୍ୟା ଲଘୁ ଉନ୍ନୟନ ପରିଷଦର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ନଗରପାଳ କୃଷ୍ଣା ନନ୍ଦ ମହାନ୍ତି, ସ୍ଥାନୀୟ ଲୋକ ପ୍ରତିନିଧି, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି ଗଙ୍ଗାଧର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କମଳା ତିରିଆ, ବିଭିନ୍ନ ପଦାଧିକାରୀ ଓ ଅନ୍ୟାନ୍ୟ ବହୁ ମାନଗଣ୍ୟ ବ୍ୟକ୍ତି ଯୋଗ ଦେଇ ସବୁଜ ପତାକା ଦେଖାଇ ମାରାଥନକୁ ଉଦଘାଟନ କରିବା ସହିତ ଅଂଶ ଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ମାରାଥନ ଛଉ ପଡିଆ ଠାରୁ ଆରମ୍ଭ ହୋଇ ବାରିପଦା ସହର ଅତିକ୍ରମ କରି ପୁନର୍ବାର ଛଉ ପଡିଆ ଠାରେ ସମାପ୍ତ ହୋଇଥିବା ବେଳେ, ପୁରୁଷ ବର୍ଗରେ ଦୁଃଖୁ ଟୁଡୁ ଏବଂ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ଚାମ୍ପିୟନ ହୋଇ ଇ -ସ୍କୁଟି ପୁରସ୍କାର ପାଇଥିବା ସହ ମାରାଥନରେ ଉଭୟ ପୁରୁଷ ଓ ମହିଳା ବର୍ଗର ବିଜେତା ମାନଙ୍କୁ ବିଭିନ୍ନ ଅକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo